୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.207 Bhubaneswar Wednesday September 25 2024 | ୨୬ତମ ବର୍ଷ ସଂଖ୍ୟା-୨୦୭ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ଓଡିଶାରେ ଇଭି ପ୍ରକଳ୍ପରୁ ଓହରିବନି ଜେଏସଡବ୍ଲ୍ୟୁ, ଶିଳ୍ପମନ୍ତ୍ରୀ କହିଲେ କଥାବାର୍ତ୍ତା ଚାଲିଛି

ଭୁବନେଶ୍ୱର,୨୪।୯(ପି.ଏନ): ଓଡିଶାରେ ପ୍ରସ୍ତାବିତ ୪୦ ହଜାର କୋଟି ଟଙ୍କାର ବିଦ୍ୟୁତଚାଳିତ ଯାନ(ଇଭି) ନିର୍ମାଣ ପ୍ରକଳ୍ପ ଓ ବ୍ୟାଟେରିଂ ମାନ୍ୟୁଫାକଚ୍ରିଂ ପ୍ରକଳ୍ପରୁ ଓହରିବ ନାହିଁ ବୋଲି ଜେଏସଡବ୍ଲ୍ୟୁ ସ୍ପଷ୍ଟ କରିଛି । ସେପଟେ ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମହାରାଷ୍ଟ୍ରକୁ ସ୍ଥାନାନ୍ତରକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ପରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ମିଡିଆ ଆଗରେ ମୁହଁ ଖୋଲିଛନ୍ତି । ଜେଏସଡବ୍ଲ୍ୟୁ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଉଛି ଓ ସେମାନେ ପ୍ରକଳ୍ପ ସ୍ଥାନାନ୍ତର ଚୂଡାନ୍ତ କରିନାହାନ୍ତି କିମ୍ବା ଆମକୁ କୌଣସି ସୂଚନା ଦେଇନାହାନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଜାତୀୟ ଗଣମାଧ୍ୟମରେ ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ଇଭି ପ୍ରକଳ୍ପ ଓଡିଶାରୁ ମହାରାଷ୍ଟ୍ରକୁ ସ୍ଥାନାନ୍ତର ନେଇ ଖବର ପ୍ରକାଶ ପାଇବା ପରେ ରାଜ୍ୟରେ ନାନାଦି ଚର୍ଚ୍ଚା ଜୋର ଧରିଥିଲା । ଏହା ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ,




ଜେଏସଡବ୍ଲ୍ୟୁ କମ୍ପାନୀ ତା'ର ପ୍ରସ୍ତାବିତ ଇଭି ପ୍ରକଳ୍ପକୁ ସ୍ଥାନାନ୍ତର କରିବା ନେଇ ରାଜ୍ୟ ସରକାରଙ୍କୁ କିଛି ଅବଗତ କରିନାହିଁ । କମ୍ପାନୀର ଅଧିକାରୀମାନଙ୍କ ସହ ଆଲୋଚନା ଜାରି ରହିଛି । ଏହି ଆଲୋଚନା ସରିବା ପରେ କିଛି ନିର୍ଯ୍ୟାସ ବାହାରିବ । ମାତ୍ର ସେମାନେ ଓଡିଶା ପ୍ରକଳ୍ପ ଓହରିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ପୁଞ୍ଜିନିବେଶକମାନେ ନିଜର ଆବଶ୍ୟକତା ଓ ଫିଜିବିଲିଟିକୁ ଦେଖି ନିଷ୍ପତ୍ତି ନେଇଥାନ୍ତି । ଇଭି ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହୋଇଛି, ତେବେ ତାଙ୍କ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନେଉଛି ବୋଲି ସେ କହିଥିଲେ ।

## ସୁଭଦ୍ରା ଯୋଜନାକୁ ନେଇ ବଡ ଅପଡେଟ୍, ଏହି ତାରିଖରୁ ପୁଣି ମିଳିବ ଟଙ୍କା

ଭୁବନେଶ୍ୱର,୨୪।୯(ପି.ଏନ): ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିସାରିଛି । ୫୦୦୦ ଟଙ୍କା ପାଇ ଖୁସୀ ଅଛନ୍ତି ମହିଳା । କିନ୍ତୁ ବର୍ତ୍ତମାନ ମଧ୍ୟ ଅନେକ ହିତାଧିକାରୀ ଏହି ଟଙ୍କା ପାଇବାକୁ ବାଦ୍ ପଡିଛନ୍ତି । ଏନେଇ ଅନେକ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ଯଦି ଆପଣଙ୍କୁ ମଧ୍ୟ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ମିଳିନାହିଁ, ତାହେଲେ ଆପଣ ମଧ୍ୟ ବ୍ୟସ୍ତ ହୁଅନ୍ତୁ ନାହିଁ । ଏକଥା ଆମେ କହୁନାହୁଁ ବରଂ ଖୋଦ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସମସ୍ତଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ପଇସା ଯିବ ବୋଲି ପ୍ରଭାତି ପରିଡା କହିଛନ୍ତି । ବିଳମ୍ବ ହେଲେ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବା ନେଇ ସେ ଘୋଷଣା କରିଛନ୍ତି ।ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣ ସୁଭଦ୍ରା ଟଙ୍କାକୁ ନେଇ ଜମା ବି ଭ୍ରମିତ ହୁଅନ୍ତୁ ନାହିଁ । ବ୍ୟାଙ୍କରୁ ଟଙ୍କା ନଉଠେଇଲେ ସରକାର ଟଙ୍କା ଫେରେଇ ନେବେ ବୋଲି ଯେଉଁ ଗୁଜବ ହେଉଛି ତାହା ସତ୍ୟ ନୁହେଁ । ଯେଉଁମାନଙ୍କୁ ଟଙ୍କା ମିଳିଛି, ସେମାନେ ହିଁ ଉକ୍ତ ଟଙ୍କାର ହକଦାର । ଯେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ, ସେମାନଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଯିବ ବୋଲି ସେ ସୂଚନା ଦେଇଛନ୍ତି । ଯଦି ଡିସେମ୍ବର ମାସରେ ବି କୌଣସି ହିତାଧିକାରୀ ଆବେଦନ କରନ୍ତି ତାହେଲେ ବି ପ୍ରଥମ କିସ୍ତି ପାଇବାରେ ଯୋଗ୍ୟ ବିବେଚିତ ହେବେ ବୋଲି ସେ କହିଛନ୍ତି ।

## କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର, ୨୭ ତାରିଖ ଯାଏଁ ବର୍ଷା

ଭୁବନେଶ୍ୱର,୨୪।୯(ପି.ଏନ): କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଉତ୍ତର ଆନ୍ଧ୍ର ଏବଂ ଦକ୍ଷିଣ ଓଡିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେଲା ଲଘୁଚାପ । ଏହି ଲଘୁଚାପ ପ୍ରଭାବରେ ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଅନ୍ୟପକ୍ଷରେ ଆଜି ଝଡବର୍ଷା ନେଇ ୧୫ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପଟେ ୫ ଜିଲ୍ଲାକୁ ୩ ଘଣ୍ଟା ପାଇଁ ୱାର୍ଣ୍ଣ ଜାରି କରାଯାଇଛି । କେନ୍ଦ୍ରାପଡା, ଜଗତସିଂହପରୁ, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ଘଡଘଡି ସହିତ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ କରାଯାଇଛି ।ଅନ୍ୟପଟେ ଆଗାମୀ ୫ ଦିନ ପାଇଁ ପ୍ରବଳ ବର୍ଷା ନେଇ ଯାଜପୁର,



କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଏବଂ କନ୍ଧମାଳ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ସହିତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହି କାରଣରୁ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜିଠୁ ୩ ଦିନ ଯାଏଁ ଉପକୂଳ ଓଡିଶାରେ ବର୍ଷାର ସମ୍ଭାବନା ରହିଛି । ଅନ୍ୟପଟେ ୨୫ରୁ ୨୭ ତାରିଖ ଯାଏଁ ପଶ୍ଚିମ ଓଡିଶାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି । ଆଗାମୀ ୫ ଦିନ ଯାଏଁ ବର୍ଷା ହେବା ନେଇ ୱାର୍ଣ୍ଣିଂ ଜାରି କରାଯାଇଛି ।

## ମୟୂରଭଞ୍ଜରେ ହାତୀ ଉପଦ୍ରବ: ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ

ମୟୂରଭଞ୍ଜ,୨୪।୯(ପି.ଏନ): ଜିଲ୍ଲାର ବାରିପଦା ବନଖଣ୍ଡର ଦୁଇଟି ସ୍ଥାନରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଶୁଳିଆପଦା ଥାନା ଅଞ୍ଚଳରେ ଦନ୍ତା ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତି ଜଣଙ୍କ ହେଲେ ସୋନପୁରିଆ ଗ୍ରାମର ରଘୁନାଥ ହେମ୍ବ୍ରମ । ସେହିପରି ମୋରଡା ଥାନା ଉଲିଡ଼ିହି ଗାଁରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ହେଲେ ସାକ୍ରା ହେମ୍ବ୍ରମ ।ରଘୁନାଥ ଓ ଅନ୍ୟ ୨ଜଣ ଘର ବାରଣ୍ଡାରେ ଶୋଇଥିଲେ । ଗାଁ ଭିତରକୁ ହାତୀ ଆସିବାରୁ, ଭୟରେ ସେଠାରୁ ଦୌଡି ପଳାଇଥିଲେ । ହେଲେ ହାତୀ ହାବୁଡରେ ପଡିଯାଇଥିଲେ ରଘୁନାଥ । ହାତୀ ରଘୁନାଥଙ୍କୁ କଚାଡି ତଳେ ପକାଇବା ସହ ପାଦରେ ଦଳିଦେଇଥିଲେ । ଏଥିରେ ରଘୁନାଥ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବାରିପଦାର ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା ।ସେହିପରି ମୋରଡା ଥାନା ଉଲିଡ଼ିହି ଗାଁର ସାକ୍ରା ହେମ୍ବ୍ରମ ସକାଳୁ ସକାଳୁ ଦୁଆରେ ଝାଡୁ ମାରୁଥିଲେ । ଏହି ସମୟରେ ହାତୀ ଦାଣ୍ଡରେ ପହଞ୍ଚି ଯାଇଥିଲା ଓ ସୁକ୍ରା କିଛି ଭାବିବା ଆଗରୁ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡି ଦେଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।

### ଏବେ ସିଦ୍ଧିବିନାୟକଙ୍କ ପ୍ରସାଦ ନେଇ ଉତ୍ତେଜନା: ଲଡ୍ଡୁ ପ୍ୟାକେଟରେ ମୂଷା ଛୁଆ

ମୁମ୍ବାଇ, ୨୪।୯(ପି.ଏନ): ଗୋଟିଏ ପଟେ ତିରୁପତି ବାଲାଜୀ ମନ୍ଦିରରେ ପ୍ରସାଦର ଶୁଦ୍ଧତାକୁ ନେଇ ଉତ୍ତେଜନା ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ । ଏବେ ମହାରାଷ୍ଟ୍ରରେ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରର ପ୍ରସାଦର ଶୁଦ୍ଧତା ଉପରେ ପ୍ରଶ୍ନ ଉଠିଛି । ଅଭିଯୋଗ କରାଯାଇଛି ଯେ ସିଦ୍ଧିବିନାୟକ ମନ୍ଦିରର ଲଡ୍ଡୁ ପ୍ରସାଦ ପ୍ୟାକେଟରେ ମଲା ମୂଷାଛୁଆ ମିଳିଛି । ତିରୁପତି ଲଡ୍ଡୁ ବିବାଦ ପରି ଏଭଳି ପରିସ୍ଥିତିରେ ସିଦ୍ଧିବିନାୟକଙ୍କ ପ୍ରସାଦର ଶୁଦ୍ଧତା ଉପରେ ପ୍ରଶ୍ନ ଉଠିଛି ଯେ ପ୍ରସାଦ ପ୍ରସ୍ତୁତ କରାଯିବା ପରେ ପରିଷ୍କାର ସ୍ଥାନରେ ରଖାଯାଉନାହିଁ । ସିଦ୍ଧିବିନାୟକ ମନ୍ଦିରର ଟ୍ରଷ୍ଟ ବର୍ତ୍ତମାନ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ବାସ୍ତବରେ ସିଦ୍ଧିବିନାୟକ ମନ୍ଦିରର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହି ଭିଡିଓରେ ଲଡ୍ଡୁ ପ୍ରସାଦର ପ୍ୟାକେଟରେ ମଲା ମୂଷାଛୁଆ ଦେଖିବାକୁ ମିଳୁଛି ।

### ଭରତପୁର ପୀଡ଼ିତାଙ୍କୁ ମିଳିଲା ପିଏସଓ

ଭୁବନେଶ୍ୱର: ଭରତପୁର ଘଟଣା ପୀଡ଼ିତାଙ୍କୁ ମିଳିଲା ସୁରକ୍ଷା । କମିଶନରେଟ ପୋଲିସ ଯୋଗାଇଦେଲା ପିଏସଓ । ପୀଡିତାଙ୍କ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ରହିବେ ପିଏସଓ । ଗତ ୨୧ ତାରିଖରୁ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଯୋଗାଇ ଦିଆଯାଇଥିଲା ସୁରକ୍ଷା । ଆବଶ୍ୟକ ପଡ଼ିଲେ ନେବେ କହି ପିଏସଓ ନେବାକୁ ମନା କରିଥିଲେ ଦୁହେଁ ।କାଲି ପୁଣି ଗଣମାଧ୍ୟମ ଆଗରେ ଜୀବନ ବିପଦରେ ଥିବା କଥା କହିବା ପରେ ପୀଡିତାଙ୍କୁ ପିଏସଓ ଯୋଗାଇଛି କମିଶନରେଟ ପୋଲିସ । ପୀଡିତା ଜଣକ ମହିଳା ପିଏସଓ ନେଇଥିବା ବେଳେ ଏଯାଏଁ ପିଏସଓ ନେବାକୁ ରାଜି ନାହାନ୍ତି କ୍ୟାପଟେନ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ।

## ଏହି ଠକାମୀ ବନ୍ଦ ହେବା ଦରକାର: ଏନଆରଆଇ କୋଟାକୁ ନେଇ କାହିଁକି ଏମିତି କହିଲେ ସୁପ୍ରିମକୋର୍ଟ ?

ଭୁବନେଶ୍ୱର,୨୪।୯(ପି.ଏନ): କଲେଜ ନାମ ଲେଖାଇବା ପାଇଁ ଥିବା ଏନଆରଆଇ କୋଟା ବ୍ୟବସ୍ଥା ଠକାମୀ ଛଡା ଆଉ କିଛି ନୁହେଁ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି । ମେଡିକାଲ କଲେଜରେ ଏନଆରଆଇ କୋଟା ବ୍ୟବସ୍ଥାକୁ ନେଇ ପଞ୍ଜାବ ସରକାର କରିଥିବା ସଂଶୋଧନକୁ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି ।ପ୍ରଥମେ ପଞ୍ଜାବର କ୍ଷମତାସୀନ ଆପ୍ ? ସରକାରକୁ ହାଇକୋର୍ଟ ଝଟକା ଦେଇଥିଲେ । ଏହା ବିରୋଧରେ ସରକାର ସୁପ୍ରିମକୋର୍ଟ ଯାଇଥିବା ବେଳେ ସେଠାରେ ମଧ୍ୟ ସରକାରଙ୍କୁ ସମାଲୋଚିତ ହେବାକୁ ପଡିଛି ।ଅଗଷ୍ଟ ୨୦ରେ ପଞ୍ଜାବ ସରକାର ଗୋଟିଏ ବିଜ୍ଞପ୍ତି ଜାରି କରିଥିଲେ । ଏଥିରେ ଏନଆରଆଇ ପ୍ରାର୍ଥୀ କାହାକୁ କୁହାଯିବ, ତା'ର ସଂଜ୍ଞା ବିସ୍ତୃତ କରିଥିଲେ । ଏନଆରଆଇଙ୍କ ସମ୍ପର୍କୀୟମାନେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ଅନୁସାରେ ଏମବିବିଏସ୍ କୋର୍ସରେ ନାଁ ଲେଖାଇ ପାରିବେ ବୋଲି ସରକାର କହିଥିଲେ । ମାମୁଁ,



ମାଇଁ, ଦାଦା, ଖୁଡ଼ୀ, ଜେଜେବାପା, ଜେଜେ ମା' କିମ୍ବା ସମ୍ପର୍କୀୟମାନେ ଯଦି ବି ଏନଆରଆଇ, ତା'ହେଲେ ଜଣେ ଆଶାୟୀ ରାଜ୍ୟରେ ପ୍ରଚଳିତ ୧୫% ଏନଆରଆଇ କୋଟା ଅଧୀନରେ ନାଁ ଲେଖାଇ ପାରିବେ ବୋଲି ସରକାର ବିଜ୍ଞପ୍ତିରେ ଉଲ୍ଲେଖ କରିଥିଲେ । ତେବେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏହାକୁ ଖାରଜ କରି ଦେଇଥିଲେ । ଅପବ୍ୟବହାର ପାଇଁ ରାସ୍ତା ଖୋଲିବ ବୋଲି ହାଇକୋର୍ଟ କହିଥିଲେ ।

## କରୋନା ସରିବା ପରେ ଚିନ୍ତା ! ଏଣିକି ଫର୍ମ ପୂରଣ ସମୟରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଦେବାକୁ ପଡିବ ଫି'

ଭୁବନେଶ୍ୱର,୨୪।୯(ପି.ଏନ) : କରୋନା ସରିବା ପରେ ପୁଣି ବଢିଯାଇଛି ଚିନ୍ତା । ମାଟ୍ରିକ୍ ପରୀକ୍ଷାର୍ଥୀମାନଙ୍କୁ ଫର୍ମ ପୂରଣ ସମୟରେ ଏଥର ଦେୟ ଦେବାକୁ ପଡିବ । କୋଭିଡ୍ ସଂକ୍ରମଣ ବର୍ଷ ପରଠାରୁ ପରୀକ୍ଷାର୍ଥୀଙ୍କୁ ଫର୍ମ ପୂରଣ ବାବଦକୁ କୌଣସି ଦେୟ ଦେବାକୁ ପଡୁନଥିଲା । ୨୦୨୦ ପରଠୁ ବନ୍ଦ ଥିବା ପରୀକ୍ଷା ଫି' ଆଦାୟ ଚଳିତ ବର୍ଷଠୁ ପୁଣି ଆରମ୍ଭ ହେବ ବୋଲି ବୋର୍ଡ ସୂତ୍ରରୁ ସୂଚନା ମିଳିଛି ।ଏହାଛଡା, ୨୦୧୬ରୁ ଧାର୍ଯ୍ୟ ହୋଇଥିବା ୪୨୦ ଟଙ୍କା ପରିବର୍ତ୍ତେ? ଅଧିକ ଟଙ୍କା ଆଦାୟ ପାଇଁ ବି ବୋର୍ଡ ପକ୍ଷରୁ ଯୋଜନା ରହିଛି । ପାଖାପାଖି ୮ଶହ ଟଙ୍କା ପରୀକ୍ଷା ଫି' ଏଥର ଆଦାୟ ହେବ ବୋଲି ଆକଳନ କରାଯାଇଛି ।ବୋର୍ଡର ଜଣେ ଅଧିକାରୀଙ୍କ କହିବା ମୁତାବକ, ପ୍ରଶ୍ନପତ୍ର ଚୟନ, ପ୍ରଶ୍ନପତ୍ର ଛପା, ଆଡ୍ମିଟ୍ କାର୍ଡ ପ୍ରସ୍ତୁତି, ପରୀକ୍ଷା ଆୟୋଜନ, ସେଣ୍ଟର୍‌ରେ ପରୀକ୍ଷା ନିରୀକ୍ଷକ ନିୟୋଜନ, ପ୍ରଶ୍ନପତ୍ରଗୁଡିକୁ ନୋଡାଲ୍ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରକୁ ପଠାଇବା, ପର୍ଯ୍ୟବେକ୍ଷକ ଏବଂ ସ୍କ୍ୱାର୍ଡଙ୍କ ଗସ୍ତ ଖର୍ଚ୍ଚ, ଉତ୍ତର ଖାତା ମୂଲ୍ୟାୟନ, ଟାବୁଲେସନ୍, ସାର୍ଟିଫିକେଟ୍ ପ୍ରସ୍ତୁତି ଆଦି ପାଇଁ ପୂର୍ବ ଅପେକ୍ଷା ଖର୍ଚ୍ଚ ବହୁ ପରିମାଣରେ ବ?ିଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରୀ କର୍ମଚାରୀମାନଙ୍କର ଡିଏ ଦିନକୁ ୧୪୦ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି ପାଇଥିବାରୁ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ଦିନକୁ ଡିଏ ବାବଦ ଖର୍ଚ୍ଚ ୩ଗୁଣା ବଢ଼ିଛି । ତେଣୁ ପରୀକ୍ଷା ଫି' ଆଦାୟ କରିବାକୁ ବୋର୍ଡ ବାଧ୍ୟ ହେବ ।

## ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଦୂର କଲା ବୋର୍ଡ

ଭୁବନେଶ୍ୱର,୨୪।୯(ପି.ଏନ): ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଦୂର କଲା ମାଧ୍ୟମିକ ଶିକ୍ଷା ପରିଷଦ (BSE) । ଷାଣ୍ମାସିକ ପରୀକ୍ଷା କରିବାକୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଲା ବୋର୍ଡ । ତେବେ ଗତ ବର୍ଷ ଭଳି ଏଥର ପ୍ରଶ୍ନପତ୍ର ବୋର୍ଡ ଯୋଗାଇବ ନାହିଁ । ସ୍କୁଲ କର୍ତ୍ତୃପକ୍ଷ ନିଜସ୍ୱ ପ୍ରଶ୍ନପତ୍ର ପ୍ରସ୍ତୁତ କରିପାରିବେ । ପରୀକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି ବୋର୍ଡ ।



## ଘରୋଇ କଲେଜରେ ମେଡିକାଲ ପାଠ ପଢ଼ିବାକୁ ଦରକାର କେତେ ଟଙ୍କା ? ଶୁଣିଲେ ହେବେ ଆଶ୍ଚର୍ଯ୍ୟ

ଭୁବନେଶ୍ୱର,୨୪।୯(ପିଏନ):ଭାରତରେ ମେଡିକାଲ ପାଠ୍ୟକ୍ରମର ଚାହିଦା ବେଶ ଅଧିକ । ଡାକ୍ତର ହେବାକୁ ଇଚ୍ଛା କରୁଥିବା ଲକ୍ଷାଧିକ ଶିକ୍ଷାର୍ଥୀ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ଥିବା ସୀମିତ ସିଟ୍ ପାଇଁ ସବୁବେଳେ ପ୍ରତିଯୋଗିତା କରୁଛନ୍ତି । ୨୦୨୩-୨୪ରେ ୨୦ ଲକ୍ଷରୁ ଅଧିକ ପିଲା ନିଟ-ୟୁଜି ପରୀକ୍ଷା ଦେଇଥିବାବେଳେ ୧.୭ ଲକ୍ଷ ମେଡିକାଲ ଆଶାୟୀ ନିଟ-ପିଜି ପାଇଁ ପଞ୍ଜୀକରଣ କରିଥିଲେ । ଏଥିରୁ ମେଡିକାଲ ଶିକ୍ଷା ପାଇଁ ଦେଶର ପିଲାମାନଙ୍କ ମଧ୍ୟରେ କେତେ ଆଗ୍ରହ ରହିଛି, ତା'ହା ସ୍ପଷ୍ଟ ହୋଇଛି ।ତୀବ୍ର ପ୍ରତିଯୋଗିତା ଓ ଚ୍ୟାଲେଞ୍ଜ ସତ୍ତ୍ୱେ ପିଲାମାନେ ମେଡିକାଲ କ୍ଷେତ୍ରରେ ନିଜର କ୍ୟାରିୟର ଗଢ଼ିବାକୁ ଅଧିକ ଚେଷ୍ଟା କରୁଛନ୍ତି । ଏଥିପାଇଁ ସରକାରୀ



କଲେଜରେ ସିଟ ପାଉ ନଥିବା ପିଲାମାନେ ଘରୋଇ ମେଡିକାଲ ସଂସ୍ଥାରେ ନାଁ ଲେଖାଉଛନ୍ତି ।ହେଲେ ଭାରତରେ ଘରୋଇ କଲେଜରେ ପାଠ ପଢ଼ିବା ପାଇଁ ଆବଶ୍ୟକ ହେଉଥିବା କୋର୍ସ ଫି' ପିଲାମାନଙ୍କ ରାସ୍ତାରେ କଣ୍ଟା ହୋଇ ଛିଡା ହୋଇଛି । ଅନେକ ପିଲା ଟଙ୍କା ପାଇଁ ନିଜ ଇଚ୍ଛାର ବଳିଦାନ ଦେବାକୁ ବାଧ୍ୟ ହେଉଛନ୍ତି ।

## ଶ୍ରୀମନ୍ଦିର ଘିଅରେ ଅପମିଶ୍ରଣ ! ଯାଞ୍ଚ କରିବ ଜିଲ୍ଲା ପ୍ରଶାସନ

ପୁରୀ,୨୪।୯(ପି.ଏନ): ତିରୁପତି ଲଡୁରେ ପଶୁ ଚର୍ବି ବ୍ୟବହାର ହେଉଥିବା ଜଣାପଡିବା ପରେ ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ଘିଅର ମାନ ଯାଞ୍ଚ ହେବ । ଏନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ଜିଲ୍ଲାପାଳ କହିଛନ୍ତି କି, ଯଦି ଦରକାର ପଡେ ତେବେ ଘିଅର ମାନ ଯାଞ୍ଚ କରାଯିବ । ଏନେଇ ଓମଫେଡ ଓ ଅନ୍ୟ ସଂସ୍ଥା ତଥା ସେବାୟତଙ୍କ ସହ ଆଲୋଚନା



ହେବ ।ଶ୍ରୀମନ୍ଦିରରେ ଦୀପର ବ୍ୟବହାର କରାଯାଉଥିବା ଘିଅକୁ ଫୁଡ ସେଫ୍ଟି ଅଥରିଟି ଦ୍ୱାରା ଯାଞ୍ଚ କରିବାକୁ କହିଛନ୍ତି । ମନ୍ଦିରରେ ନକଲି ଘିଅ ବ୍ୟବହାର ହେଉଥିବା ନେଇ କୌଣସି ସନ୍ଦେହ ଏପର୍ଯ୍ୟନ୍ତ ନାହିଁ ବୋଲି କହିଛନ୍ତି ଜିଲ୍ଲା ପ୍ରଶାସନ । ତଥାପି ଶୀଘ୍ର ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ।ତେବେ ତିରୁପତି ମନ୍ଦିରରେ ଲାଗି ହେଉଥିବା ଲଡ୍ଡୁ (ପ୍ରସାଦମ)ରେ ଗାଈ, ଘୁଷୁରୀ ଚର୍ବି ସହ ମାଛର ତେଲ ମିଶିଥିବା ନେଇ ଗୁଜରାଟର ଏକ ଲ୍ୟାବ ରିପୋର୍ଟ ଦେବା ପରେ ଏକ ସପ୍ତାହ ହେବ ବିବାଦ ଘନେଇଛି । ମାମଲାରେ କେନ୍ଦ୍ର ହସ୍ତକ୍ଷେପ କରିବା ସହ ସୁପ୍ରିମ କୋର୍ଟରେ ପିଆଇଏଲ ଦାଖଲ ହୋଇଛି । ପୂର୍ବତନ ମନ୍ତ୍ରୀ ତଥା ବଜେପିର ବରିଷ୍ଠ ନେତା ଚିଦାମ୍ବରମ ସ୍ୱାମୀ ମଧ୍ୟ ସର୍ବୋଚ୍ଚ କୋର୍ଟରେ ଆବେଦନ କରିଛନ୍ତି ଘିଅର ଶୁଦ୍ଧତାକୁ ନେଇ ।

## ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ ହେବ ବିଜେଡି, ନଭେମ୍ବରରୁ ଜିଲ୍ଲା ବୁଲିବେ ନବୀନ

ଭୁବନେଶ୍ୱର,୨୪।୯(ପି.ଏନ): ନଭେମ୍ବରରୁ ଜିଲ୍ଲା ବୁଲିବେ ନବୀନ ପଟ୍ଟନାୟକ । ତୃଣମୂଳସ୍ତରରେ ବିଜେଡି ସଂଗଠନକୁ ଅଧିକ ଚଳଚଞ୍ଚଳ କରିବାକୁ ପ୍ରସ୍ତୁତ ହୋଇଛି ରୋଡମ୍ୟାପ୍ । ରାଜ୍ୟରେ ଭୁଶୁଡ଼ି ଥିବା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ୧୦୦ ଦିନିଆ ବିଜେପି ସରକାରର ବିଫଳତା ଲୋକଙ୍କୁ କହିବେ ନବୀନ । ଯାହାକୁ ନେଇ ଶାସକ ଦଳ ଛାନିଆ ହୋଇ ପଡ଼ିଥିବା ବେଳେ ବିଜେଡି ଶିବିରରେ ଉତ୍ସାହ ଦେଖାଦେଇଛି ।ବିଜେଡି ଫୋକସରେ ନବୀନଙ୍କ ଜିଲ୍ଲା ଗସ୍ତ । ନଭେମ୍ବର ପ୍ରଥମ ସପ୍ତାହ ପାଇଁ ପ୍ରସ୍ତୁତି ଶେଷ । ସଂଗଠନକୁ ଚଳଚଞ୍ଚଳ କରିବାକୁ ମାରାଥନ ଅଭିଯାନ । ଏବେଠୁ ଶାସକ ଶିବିରରେ ପଶିଲାଣି ଛାନିଆ । ନଭେମ୍ବର ପ୍ରଥମ ସପ୍ତାହରେ ଜିଲ୍ଲା ବୁଲିବେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏଥିପାଇଁ ବଡ଼ ପ୍ଲାନ କରିଛି ବିଜେଡି । ଶଙ୍ଖଭବନରେ ବିଭିନ୍ନ ଜିଲ୍ଲାର ସମୀକ୍ଷା ସହ ରଣନୀତି ପ୍ରସ୍ତୁତ କରାଯାଉଛି । ଜିଲ୍ଲା ଗସ୍ତରେ ଯାଇ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସଂଗଠିତ କରିବା ସହ ଲୋକଙ୍କ ସୁଖଦୁଃଖ ପଚାରି ବୁଝିବେ ନବୀନ । ନବୀନଙ୍କ ଗସ୍ତ ନେଇ ବିଜେଡି ଶିବିରରେ ଭରପୁର ଉତ୍ସାହ ଦେଖିବାକୁ ମିଳିଲାଣି । ଦଳ କହିଛି, ଏବେ ବି ନବୀନ ଓଡ଼ିଶାର ସର୍ବମାନ୍ୟ ନେତା ହୋଇ ଲୋକଙ୍କ ହୃଦୟରେ ରହିଛନ୍ତି । ତାଙ୍କ ଗ୍ରହଣୀୟତା ଆଜି ବି ସବୁ ରାଜନେତାଙ୍କଠାରୁ ଆଗରେ ।ନବୀନଙ୍କ ୨୪ ବର୍ଷ ଶାସନ ସମୟରେ ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ୍) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଈଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ। ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲାନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା। ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ। ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ। ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠୀଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କର ଚକ୍ଷୁଶୂଳ ହେଲେ। ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ। ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା। ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ। ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ। ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହୋଇଥିଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଅକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରିରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜ୍ଞାତ ଦୁର୍ବୃତ୍ତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଂଟ ଆୟରଷ୍ଟଙ୍କୁ ହତ୍ୟା କରିଦେଲେ। ଏହି ଘଟଣାରେ ଦାମୋଦର ଚିପଲୁ ଫାଶୀଦଣ୍ଡ ପାଇଥିଲେ। ତିଳକ ନର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତାମାନେ ଆପତି ଉଠାଇଲେ। ସାଂସଦ ଉଇଲିୟମ୍ ହଂଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ। ପୁନା ଜେଲ୍‌ରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା। ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଯଦି ସ୍ୱାଧୀନ ହେବାକୁ ଚାହିଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ। ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ। କଲିକତା ଅଧିବେଶନରେ ବଙ୍କିମ୍‌ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍‌ଦଣ୍ଡ ଭୋଗ କରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା। ବିଶୃଙ୍ଖଳା ଚରମସୀମାରେ ପହଂଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ। ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତୋଳନ କରିଥିଲେ। ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦଦୋକାନ ଆଗରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍‌ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ। କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ। ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଟଙ୍କା ଅର୍ଥଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ ସଶ୍ରମ ଜେଲ୍‌ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା



କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ। ଆବେଦନ ନାମଂଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ x ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ। କୁଲକର୍ଣ୍ଣି ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ। ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା। ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ। ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବହ୍ନେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି। ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି। ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ। ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି। ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି। ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି। ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି। କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି। ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି। ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ। ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି। ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁର' ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ମାଟିର ଝିଅକୁ ମାଟିରେ ଶୁଭେଚ୍ଛା

ଭୁବନେଶ୍ୱର (ପିଏନ୍): ନୂଆ ରାଷ୍ଟ୍ରପତି ଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶପଥ ନେଇଛନ୍ତି। ଆମ ମାଟିର ଝିଅ ଦ୍ରୌପଦୀଙ୍କ ପାଇଁ ଓଡ଼ିଶା ଗର୍ବିତ ଓ ଗୌରବାନ୍ୱିତ। ପ୍ରଥମ ଆଦିବାସୀ ମହିଳା ତଥା ସର୍ବକନିଷ୍ଠା ରାଷ୍ଟ୍ରପତି ଭାବେ ରାଇସିନା ହିଲ୍ସରେ ତାଙ୍କର ପଦାର୍ପଣ ଇତିହାସ ସୃଷ୍ଟି କରିଛି। ଏ ନେଇ ଗାଁଠୁ ସହର ଉତ୍ସବମୁଖର। ରାଜ୍ୟର କୋଣ ଅନୁକୋଣରୁ ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟି ଚାଲିଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ଉପକଣ୍ଠରେ ଧଉଳି ଗ୍ରାମରେ ରହୁଥିବା ୨୫ ବର୍ଷୀୟ ଯୁବକ ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ଏକ ନିଆରା ଢଙ୍ଗରେ ଶ୍ରୀମତୀ ମୁର୍ମୁଙ୍କୁ ହୃଦୟରୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି। ଚିକିଟା ମାଟି ଓ ରଙ୍ଗରେ ନିଖୁଣ ରୂପେ ତିଆରିଛନ୍ତି ଦ୍ରୌପଦୀଙ୍କ ପ୍ରତିଛବି। ଏହାକୁ ତିଆରି କରିବା ପାଇଁ ୬ରୁ ୭ ଘଣ୍ଟା ସମୟ ଲାଗିଛି ବୋଲି ଜୟ କହିଛନ୍ତି। ସୂଚନାଯୋଗ୍ୟ, ଜୟ ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଭାସ୍କର୍ଯ୍ୟ କଳାରେ ସ୍ନାତକ ଉତ୍ତୀର୍ଣ୍ଣ ହେବାପରେ ଏବେ ସେ ପିଜି ପଢିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜୟଙ୍କ ଏହି ସୁନ୍ଦର ମନଛୁଆଁ କଳାକୃତିକୁ ଅନେକ କଳାପ୍ରେମୀ, ସ୍ଥାନୀୟ ଅଞ୍ଚଳବାସୀ ଏବଂ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ଜୟଙ୍କ ମୂଳଘର କେନ୍ଦ୍ରାପଡ଼ା ଜିଲ୍ଲା ଖରିନାସୀ ଗ୍ରାମରେ ବୋଲି ଜଣାପଡ଼ିଛି।

## ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଜଳାଭିଷେକ

ଢେଙ୍କିକୋଟ (ପିଏନ୍): ଦେବଦେବ ମହାଦେବଙ୍କ କୃପା ଲାଭ ଓ ମାନସିକ ପୂରଣ ନିମିତ୍ତ ଶ୍ରାବଣ ମାସରେ ମଙ୍ଗଳମୟ ସଦାଶିବଙ୍କ ଶିବଲିଙ୍ଗ ଉପରେ ଜଳାଭିଷେକ କରିବା ପାଇଁ ଅରୁଆ ଚାଉଳ, ଧୂପ, ଦୀପ, ଧଳା ଚନ୍ଦନ, ବେଲପତ୍ର ଓ ସୁଗନ୍ଧ ଦ୍ରବ୍ୟରେ ନଦୀଘାଟରୁ ପୂର୍ଣ୍ଣକୁମ୍ଭ ଉଠାଇ କାଉଡିଆମାନେ ପୂଜାର୍ଚ୍ଚନା କରିବା ସହ ବୋଲ୍‌ବୋମ୍ ଓ ଶିବାଷ୍ଟକ ପାଠ କରିଥାନ୍ତି। ଶ୍ରାବଣ ମାସର ତୃତୀୟ ସୋମବାର ଥିବାରୁ ଜଳାଭିଷେକ ପାଇଁ ଉଭୟ ଘଟଗାଁ ଓ ପାଟଣା ବ୍ଲକର ବିଭିନ୍ନ ଶୈବପୀଠରେ କାଉଡିଆମାନେ ଆନନ୍ଦ ଉଲ୍ଲାସ ଏବଂ ଭକ୍ତିଭାବରେ ଶିବଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ପୁରାଣପ୍ରସିଦ୍ଧ ଐତିହାସିକ ଶୈବପୀଠ ବରାହଟିପୁରାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର, ଶ୍ରୀ ବାଣେଶ୍ୱର ମନ୍ଦିର, ଘଟଗାଁର ଶ୍ରୀ ଘଟେଶ୍ୱର ମନ୍ଦିର, ପାଟଣାର ପ୍ରସିଦ୍ଧ ବୈତରଣୀ ତୀର୍ଥ ଶ୍ରୀ ପରମେଶ୍ୱର ମନ୍ଦିର, ଶ୍ରୀ ଆନନ୍ଦେଶ୍ୱର ମନ୍ଦିରରେ ଶହ ଶହ ସଂଖ୍ୟାରେ କାଉଡିଆମାନେ ପ୍ରାତଃ ସମୟରୁ ଲମ୍ବା ଧାଡିରେ ସଦାଶିବଙ୍କ ଜଳାଭିଷେକ କରିଥିଲେ।




# 'ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ' ପକ୍ଷରୁ ମଣ୍ଡଳସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗତା-୨୦୨୪ ପାଳନ

ଧାମନଗର,(ପି.ଏନ): ଧାମନଗର ସରକାରୀ ହାଇସ୍କୁଲ ପରିସରରେ 'ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ'ପକ୍ଷରୁ ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର ଓ ସାଧାରଣ ଜ୍ଞାନ ପ୍ରତିଯୋଗତା-୨୦୨୪ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳ ୧୧ ଘଟିକା ସମୟରେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମଣୀ ରଂଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଧାମନଗର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କର ଆନୁଷ୍ଠାନିକ ଭାବେ କାର୍ଯକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ବିଜ୍ଞାନ ସଂଯୋଜକ ତଥା ଧୁଷୁରୀ ମୂରଲୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ବିଆରସିସି ଭୀମସେନ ହୋ ସ୍ୱାଗତ ଅଭିଭାଷଣ ଓ ଏବିଇଓ ସତ୍ୟସୁନ୍ଦର ପରିଡା






ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଏବିଇଓ ବିଜୟ ଲକ୍ଷ୍ମୀ ନାୟକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ବିଜ୍ଞାନ ସେମିନାର ଓ ସାଧାରଣ ଜ୍ଞାନ ପ୍ରତିଯୋଗତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧାମନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୧୭ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପରୀକ୍ଷକ ଭାବେ ସିଆରସିସି ଏମଡି ମୁଜାଫର ହୁସେନ,ଦେବେନ୍ଦ୍ର ନାୟକ,ବ୍ରହ୍ମାନନ୍ଦ ଜେନା,ଅଜୟ କୁମାର ମଲ୍ଲିକ,ନୃସିଂହ ସାହୁ,ଦେବେନ୍ଦ୍ର ନାୟକ,ବ୍ରଜକିଶୋର ଶିଅଳ ପ୍ରମୁଖ କାର୍ଯ୍ୟ କରୁଥିବା ବେଳେ ନିରୀକ୍ଷକ ଭାବେ ଶିକ୍ଷକ ସୁରେନ୍ଦ୍ର ସେଠୀ,ମନୋଜ ସିଂ,ଜିତେନ୍ଦ୍ର ପଣ୍ଡା,ପ୍ରଶାନ୍ତ କୁମାର ବେହେରା,ଗୋବିନ୍ଦ ମାଝୀ,ବିପିନ ବସନ୍ତିଆ କାର୍ଯ୍ୟ କରୁଥିଲେ।ଏଥିରେ ବିଚାରପତି ଭାବରେ କମଳା କାନ୍ତ ତ୍ରିପାଠୀ ଓ କାଦମ୍ବିନୀ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବିଜ୍ଞାନ ସେମିନାରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମୂରଲୀଧର ସରକାରୀ ହାଇସ୍କୁଲ ର ଛାତ୍ରୀ ସୁଶ୍ରୀ ପ୍ରାଚୀ ମିଶ୍ର ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାରରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଥିବା ବେଳେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହିତ ସାର୍ଟିଫିକେଟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଅଧିବେଶନରେ ଶିକ୍ଷକ ରୂପକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ କାର୍ଯ୍ୟକ୍ରମରେ ସହକାରୀ ତଥା ଆଦର୍ଶ ଶିକ୍ଷକ ସମୀର ଗୋସ୍ୱାମୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କର୍ମୀ ଓ ପୂର୍ବତନ ଆଞ୍ଚଳିକ ସାଧନ କର୍ମୀଙ୍କ ସମେତ ଧାମନଗର ସରକାରୀ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# କଳା ଓ କ୍ରୀଡ଼ାକୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ପ୍ରକଳ୍ପର ଶୁଭାରମ୍ଭ ସହ ନାଲ୍କୋର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,(ପିଏନ) : ଓଡ଼ିଶାର ସାଂସ୍କୃତିକ ଏବଂ କ୍ରୀଡ଼ା କ୍ଷେତ୍ରକୁ ପ୍ରଭାବଶାଳୀ ଭାବେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍କୋ) ପକ୍ଷରୁ ଆଜି ଏହାର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ କେତେକ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ନାଲ୍କୋନଗର ଠାରେ ଆୟୋଜିତ ଏକ ଉତ୍ସବରେ, ପଦ୍ମଶ୍ରୀ ମନୋଜ ଦାସଙ୍କୁ ନାଲ୍କୋ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଲୋକସେବକ ମଣ୍ଡଳର ସଚିବ ଶ୍ରୀ ନିରଞ୍ଜନ ରଥଙ୍କୁ ନାଲ୍କୋ ଉଲ୍ଲେଖନୀୟ ସମାଜ ସେବା ପୁରସ୍କାର ପ୍ରଦାନ କରାଯାଇଥିଲା।

ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ନାଲ୍କୋ ପକ୍ଷରୁ ରାଜ୍ୟର ୮ଟି ଅଗ୍ରଣୀ ଅନୁଷ୍ଠାନ ସହ ସାଂସ୍କୃତିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। କୌଣସି ଉଦ୍ୟୋଗ ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ସହିତ, ଓଡ଼ିଶାକୁ କ୍ରୀଡ଼ା ମାନଚିତ୍ରରେ ପ୍ରମୁଖ ସ୍ଥାନ ଦେବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ୧୦୦ ଜଣ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇ ସହଯୋଗ ଓ ସହାୟତା ପ୍ରଦାନ କରାଯିବ।

ଏହି ଅବସରରେ, ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ପଦ୍ମଶ୍ରୀ ମନୋଜ ଦାସଙ୍କୁ ନାଲ୍କୋ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାଛଡ଼ା, ଚଳିତ ବର୍ଷ, ଡଃ ଭାସ୍କର ମିଶ୍ର ଏବଂ ଡଃ ଭାଗୀରଥି ନନ୍ଦଙ୍କୁ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ନାଲ୍କୋ କାଳିଦାସ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଶ୍ରୀ ବିଚିତ୍ରାନନ୍ଦ ସ୍ୱାଇଁ, ଶ୍ରୀ ପ୍ରଭାତ କୁମାର ସ୍ୱାଇଁ ଏବଂ ସସ୍ମିତା ପଣ୍ଡାଙ୍କୁ ନାଲ୍କୋ ଖାରବେଳ ସମ୍ମାନ ପ୍ରଦାନ କରାଯାଇଥିଲା। ଧୃତିମୟ ବେହେରାଙ୍କୁ ନାଲ୍କୋ ଉଦୀୟମାନ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଆଂଶିକା ରାଉତରାୟ, ପ୍ରଜେଶ ମୂର୍ମୁ, ମୋହିତ ପାଶ୍ୱାନ, ଟିକାରାମ ସୋରେନ୍ ଏବଂ ଅମିତ କୁମାର ବେହେରାଙ୍କୁ ନାଲ୍କୋ ଉଦୀୟମାନ କ୍ରୀଡ଼ା ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ବିଜେତାଙ୍କୁ ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# କେନ୍ଦ୍ର ସରକାରଙ୍କର ଶ୍ରମିକ ଓ କୃଷକ ବିରୋଧି ନୀତି ବିରୁଦ୍ଧରେ ସର୍ବଭାରତୀୟ ୮ ଓ ୯ତାରିଖ 'ହରତାଳ'କୁ ସମାଜବାଦୀ ପାର୍ଟିର ସମର୍ଥନ

ଭୁବନେଶ୍ୱର, (ପିଏନ) : ଆସନ୍ତାକାଲି ଓ ପହରଦିନ (୮, ୯) ଦୁଇଦିନ ଧରି ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଜାତୀୟସ୍ତରରେ ପାଳନ କରାଯାଉଥିବା ହରତାଳକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ ସମର୍ଥନ ଜ୍ଞାପନ କରାଯାଇଛି। ପାର୍ଟିର ରାଜ୍ୟସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃ ି ଜରିଆରେ କେନ୍ଦ୍ର ସରକାରଙ୍କର ଶ୍ରମିକ ଓ କୃଷକ ମାରଣ ନୀତିକୁ ଦୃଢ ସମାଲୋଚନା କରିବା ସହିତ କେନ୍ଦ୍ର ସରକାରଙ୍କର ଶ୍ରମିକମାରଣ ନୀତି ବିରୁଦ୍ଧରେ ଏହି ହରତାଳକୁ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ଭାବରେ ସମର୍ଥନ କରି ଗରିବ ବିରୋଧି ବିଜେପି ସରକାରକୁ ଦୃଢ ଜବାବ ଦେବାକୁ ନିବେଦନ କରିଛନ୍ତି। ଏଠାରେ ଉଲ୍ଲେଖଥାଉକି, ୧୧ ଦଫା ଦାବିକୁ ନେଇ ଆସନ୍ତା ଦୁଇଦିନ ଧରି ସର୍ବଭାରତୀୟ ସ୍ତରରେ ବିଭିନ୍ନ ଟ୍ରେଡ୍ ୟୁନିୟନ୍ ଓ କୃଷକ ସଂଗଠନଗୁଡ଼ିକ ତରଫରୁ ଜାତୀୟ ହରତାଳ ପାଳିତ ହେବାକୁ ଯାଉଛି। ୧୧ ଦଫା ସମ୍ବଳିତ ଦାବି ମଧ୍ୟରୁ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ମାସିକ ୨୫ ହଜାର ଟଙ୍କା, ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, କୃଷକମାନଙ୍କର ଋଣ ଛାଡ କରିବା ଏବଂ ବିନା ସୁଧରେ କୃଷି ଋଣ ଯୋଗାଇଦେବା, ମନରେଗା ଯୋଜନାରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ୨୦୦ ଦିନର କାର୍ଯ୍ୟ ଦିବସ, ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା, ସମସ୍ତ ଭୂମିହୀନଙ୍କୁ ଘରଡିହ ପଟ୍ଟା, ଧାନର ସର୍ବନିମ୍ନ କୁଇ ାଲ୍ ପିଛା ୩୦୦୦ଟଙ୍କା ଏବଂ ସର୍ବୋପରି କୃଷକମାନଙ୍କୁ ମାସିକ ପେନ୍‌ସନ୍ ଦେବା ଦାବିରେ ଆହୂତ ଏହି ଜାତୀୟ ଧର୍ମଘଟକୁ ସମାଜବାଦୀ ପାର୍ଟି ଦୃଢ ସମର୍ଥନ ଜ୍ଞାପନ କରୁଛି ବୋଲି ସଭାପତି ଶ୍ରୀ ବେହେରା ଏହି ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ଆଇସିଆଇସିଆଇ ବ୍ୟାଙ୍କ ଓ ସ୍ମଲ ବିଜିନେସ୍ ଫିନ୍‌କ୍ରେଡିଟ୍ ଯୁଗ୍ମ ଭାବେ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ କରିବେ

ଭୁବନେଶ୍ୱର, ୭/୧: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହା ଦେଶର ଏକ ଅଗ୍ରଣୀ ଏନବିଏଫ୍‌ସି ସ୍ମଲ୍ ବିଜନେସ୍ ଫିନକ୍ରେଡିଟ୍ (ଏସବିଏଫ୍‌ସି) ଇଣ୍ଡିଆ ସହିତ ବୁଝାମଣା କରିଛି।ଉଭୟ ସଂସ୍ଥା ମିଳିତ ଭାବେ ଏମଏସଏମ୍‌ଇଗୁଡ଼ିକୁ ଋଣ ପ୍ରଦାନ କରିବେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ୨୦୧୮ ସେପ୍ଟେମ୍ବର ୨୧ରେ ଜାରି କରାଯାଇଥିବା ସର୍କୁଲାର ଆଧାରରେ ଏହି ବୁଝାମଣା ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣା ଅନୁଯାୟୀ ଉଭୟ ସଂସ୍ଥା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଂପତି ବଦଳରେ ୧୫ ବର୍ଷିଆ ଅବଧିର ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବେ। ଏକ ବ୍ୟାଙ୍କ ଓ ଏନବିଏଫ୍‌ସି ମଧ୍ୟରେ ଏହା ଦେଶର ପ୍ରଥମ ଧରଣର ଋଣ ବୁଝାମଣା। ଉଭୟ ସଂସ୍ଥା ସହମତି ଭିତିକ ଅନୁପାତରେ ଋଣ ପ୍ରଦାନ କରିବେ। ଆଇସିଆଇସିଆଇ ବ୍ୟାଙ୍କର ପାଣ୍ଠି ପ୍ରବାହରେ ବ୍ୟବସାୟୀକ ପ୍ରତିଷ୍ଠାନଗୁଡ଼ିକ ଲାଭବାନ ହେବେ।

ଏହି ସହଯୋଗିତା ବିଷୟରେ ଶ୍ରୀଯୁକ୍ତ ରବି ନାରାୟଣନ, ମୁଖ୍ୟ, ସିକ୍ୟୁରଡ୍ ଆସେଟସ୍, ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି ଯେ, "ବିଗତ ଦୁଇ ଦଶନ୍ଧି ହେଲାଣି ଭାରତର ଭିତିଭୂମି ବିକାଶରେ ଆଇସିଆଇସିଆଇ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଏହି ପରମ୍ପରାକୁ ଆଗକୁ ବଢ଼ାଇ ଆମେ ଏମ୍‌ଏସଏମ୍‌ଇଗୁଡ଼ିକୁ ଆର୍ଥିକ ସ୍ତରରେ ସୁଦୃଢ଼ କରିବା ଓ ସେମାନଙ୍କ ବ୍ୟବସାୟ ଅଭିବୃଦ୍ଧିରେ ସହାୟକ ହେବା ପାଇଁ ସ୍ମଲ ବିଜନେସ୍ ଫିନ୍‌କ୍ରେଡିଟ୍ ସହ ହାତ ମିଳାଇଛୁ। ଏକ ବ୍ୟାଙ୍କ ଓ ଏନବିଏଫସି ମଧ୍ୟରେ ଏହା ପ୍ରଥମ ଧରଣର ଋଣ ପ୍ରଦାନ କାର୍ଯ୍ୟକ୍ରମ। ଏହି ଅଭିଯାନ ଜରିଆରେ ଆମେ ଉଦ୍ୟୋଗୀ ହେବା ପାଇଁ ଅଭିଳାଷ ରଖିଥିବା ଗ୍ରାହକମାନଙ୍କୁ ସମର୍ଥନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନେ ଦେଶ ଅଭିବୃଦ୍ଧି କାହାଣୀରେ ଭିତିଭୂମି ପାଇଁ ସହଯୋଗିତା ପ୍ରଦାନ କରିପାରିବେ।''

ବୁଝାମଣା ବିଷୟରେ ଶ୍ରୀଯୁକ୍ତ ଅସୀମ ଧ୍ରୁ, ଏମ୍‌ଡି ଓ ସିଇଓ, ଏସବିଏଫସି ପ୍ରାଇଭେଟ ଲିମିଟେଡ୍ କହିଛନ୍ତି ଯେ, "ଆଇସିଆଇସିଆଇ ଭଳି ଅନୁଷ୍ଠାନ ସହିତ କାମ କରିବା ଓ ପ୍ରଥମ ଏନବିଏଫସି-ବ୍ୟାଙ୍କ ସହଯୋଗିତାର ଅଂଶ ହୋଇଥିବାରୁ ଆମେ ଏସବିଏଫ୍‌ସିରେ ବହୁତ ଉତ୍ସାହିତ ଅଛୁ। ବ୍ୟାଙ୍କ ସୁଦୃଢ଼ ବାଲାନ୍ସ ସିଟ୍ ଓ ସୁପରିୟର ଋଣ ଅନୁଧ୍ୟାନ ବ୍ୟବସ୍ଥା ସହିତ ସାରା ଦେଶରେ ଆମର ରହିଥିବା ଉପସ୍ଥିତିର ସମିଶ୍ରଣହେବ। ଏହା ହେଉଛି ଉପସ୍ଥିତି ଓ ଅଭିଜ୍ଞତାର ସହଯୋଗିତା। ଏହା ଜରିଆରେ ଆମେ ଲଘୁ ଅନୁଷ୍ଠାନଗୁଡ଼ିକୁ ପ୍ରଯୁକ୍ତି ଜରିଆରେ ଋଣ ପ୍ରଦାନ କରିପାରିବୁ।''

# ୭୬ ତମ ସ୍ଥାପନା ଦିବସ ଉପଲକ୍ଷେ ୩୪ ୟୁନିଟ୍ ରକ୍ତ ସଂଗ୍ରହ



ତାଳଚେର (ପିଏନ): ୟୁକୋ ବ୍ୟାଙ୍କ ତାଳଚେର ଟାଉନସିପ୍ ଶାଖା ଦ୍ୱାରା ୭୬ ତମ ସ୍ଥାପନା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତଦ ଶିବିରକୁ ଶାଖା ପରିଚାଳକ ତମାଳି ପାଲ ଉଦ୍‌ଘାଟନ କରିଥିଲେ।ୟୁକୋ ବ୍ୟାଙ୍କ କର୍ମଚାରୀ ଗୋପାଲ ବଢ଼େଇ, ହିମାଂଶୁ ଶେଖର ଗଡନାୟକ, ମନରଞ୍ଜନ ସାହୁ, ପିଙ୍କି ମହାନନ୍ଦ, ବିପିନ୍ କୁମାର ଗିରି, ଆଇଲିନ୍ ଲାକ୍ରା, ବେଣୁଧର ମଲ୍ଲିକ୍, ବିପ୍ର କୁମାର ମହାନ୍ତି ଓ ନିରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ତାଳଚେର ଉପଖଣ୍ଡ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରୁ ମୋଟ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସର୍ବାଧିକ ରକ୍ତଦାତା ତଥା ଶିକ୍ଷକ ଶ୍ରୀ ଶାନ୍ତନୁ କୁମାର ସାହୁ ଓ ତାଳଚେର ଉପଖଣ୍ଡ ରେଡ୍‌କ୍ରସ୍‌ର ରଞ୍ଜିତ୍ ମହାପାତ୍ର ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ଆଦିବାସୀ ଅଂଚଳର ଇକୋ-ସିଷ୍ଟମ, ପାରମ୍ପରିକ ଜ୍ଞାନକୌଶଳ ଓ ଆଦିବାସୀ ସମାଜ

ନିକଟରେ ଭୁବନେଶ୍ୱରଠାରେ ଆଦିବାସୀ ଅଂଚଳର ଇକୋ-ସିଷ୍ଟମ, ଆଦିବାସୀଙ୍କ ଉପରେ ବାହାର ସଭ୍ୟତାର ପ୍ରଭାବ ଦ୍ୱାରା ଦ୍ୱାରା ଆଦିବାସୀଙ୍କ ବିକାଶ କେଉଁ ପ୍ରକାର ହେଉଛି, ସେ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା, ଆଦିବାସୀ ଅଂଚଳର ଇକୋ-ସିଷ୍ଟମକୁ ନେଇ ହୋଇଥିବା ଅଧ୍ୟୟନର ଉପସ୍ଥାପନା ଏବଂ ଏ ବିଷୟରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନେଇ ଆଲୋଚନା। ଏହି ଆଲୋଚନାରେ ଗବେଷକ, କୃଷି ବିଶେଷଜ୍ଞ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ, ବିଭିନ୍ନ ଜନଜାତିର ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱ, ଆଦିବାସୀ ଲୋକ ସଂଗଠନର ସଦସ୍ୟା, ବରିଷ୍ଠ ଗଣମାଧ୍ୟମର ପ୍ରତିନିଧି, ଜୈବିକ କୃଷକ ଏହିଭଳି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ବିଭିନ୍ନ ଆଦିବାସୀ ସଂପ୍ରଦାୟ ମଧ୍ୟରେ କନ୍ଧମାଳର କୁଇ ସମାଜ, ମୟୂରଭଞ୍ଜର ହୋ ସମାଜ, ଗୁଣୁପୁର ଅଂଚଳର ସୌର ସମାଜ, କାଶୀପୁର ଅଂଚଳର ଝୋଡ଼ିଆ ସମାଜ, କୋରାପୁଟ ଓ ନବରଙ୍ଗପୁର ଅଂଚଳର କନ୍ଧପରଜା ସମେତ ଅନେକ ଆଦିବାସୀ ଯୋଗ ଦେଇଥଲେ। ଆଲୋଚନା ପ୍ରସଙ୍ଗରେ ସେମାନଙ୍କ ଅଂଚଳରେ ଦେଖାଦେଉଥିବା ପରିବର୍ତ୍ତନ ସମ୍ପର୍କରେ ନିଜ ଅନୁଭୂତିରୁ ଉପସ୍ଥାପନା କରିଥିଲେ। ଆଦିବାସୀ ଅଂଚଳର ଇକୋ-ସିଷ୍ଟମ ସମ୍ପର୍କରେ ଆଲୋଚନା ବେଳେ ଅନେକ ତର୍କବିତର୍କ, ବିରୋଧାଭାସ ଆଦି ଆସିଥିଲା। କିନ୍ତୁ ଅନେକ କ୍ଷେତ୍ରରେ ଆଲୋଚକଗଣ ଏକ ମତ ହୋଇଥିଲେ ଯେ, ଉପସ୍ଥାପନାରେ ଆସିଥିଲା ଆଦିବାସୀ ଅଂଚଳର ଜୈବ ବିବିଧତା ( ଇକୋ-ସିଷ୍ଟମ) କିପରି ବାହାର ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇ ନଷ୍ଟ ହେଉଛି। ଯେଉଁଠି ବିକାଶ ପହଂଚିନି, ସେଠାରେ ଆଦିବାସୀ ସ୍ୱାଭିମାନ ଓ ସ୍ୱତନ୍ତ୍ର ସହିତ ବଂଚିବା ପାଇଁ ଚାହାନ୍ତି। ଜନଜାତି ଗୋଷ୍ଠୀ କ'ଣ ବାହାର ଦ୍ୱାରା ଶାସନ ହେବାପାଇଁ ଚାହାନ୍ତି ନାହିଁ କିମ୍ବା ଅନ୍ୟର ପ୍ରଭାବ ବିସ୍ତାରକୁ ସେମାନେ ବରଦାସ୍ତ କରନ୍ତି ନାହିଁ ! ଆଦିବାସୀ ଅଂଚଳର ଯେଉଁ ସ୍ୱତନ୍ତ୍ର ଜୈବ ବିବିଧତା ରହିଛି, ତାହାକୁ କିପରି ସୁରକ୍ଷା କରାଯାଇପାରିବ। ସାରା ପୃଥିବୀରେ ଆଦିବାସୀଙ୍କ ସ୍ଥିତି ଓ ସମସ୍ୟା ଦେଇ ଗତି କରୁଛନ୍ତି ? ଏହାକୁ କିପରି ନିରାକରଣ କରାଯାଇପାରିବ ? ଆଦିବାସୀ ଅଂଚଳର ଇକୋ-ସିଷ୍ଟମକୁ ନେଇ କିପରି ସୁରକ୍ଷିତ କରାଯାଇପାରିବ ? ଆଦିବାସୀ ଶିଶୁଙ୍କ ନିମନ୍ତେ ହଷ୍ଟେଲ ମାଧ୍ୟମ ଶିକ୍ଷା କ'ଣ ସେମାନଙ୍କର ସାମର୍ଥ୍ୟକୁ ନଷ୍ଟ କରୁଛି ? ଏହିଭଳି ଅନେକ ଆଲୋଚନାକୁ ଖୋରାକ ଯୋଗଇ ଦେଇଥିଲା

ଏହି ସବୁ ଆଲୋଚନା ବେଳେ ମତାମତ ଆସିଥିଲା, ୧) ଆଦିବାସୀ ଅଂଚଳର ଇକୋ-ସିଷ୍ଟାମକୁ ଆମେ କିପରି ସୁରକ୍ଷିତ ରଖିବା ? ୨) ଆଦିବାସୀଙ୍କ ସଂସ୍କୃତି, ଜ୍ଞାନକୌଶଳ, ଜୀବନଶୈଳୀ, ବୈଜ୍ଞାନିକ ଦୃଷ୍ଟିକୋଣକୁ ଡାକୁମେଂଟ କରିବାକୁ ପଡ଼ିବ। ନିଜର ସାମର୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ୩) ସରକାରୀ କଲ୍ୟାଣମୂଳକ ଯୋଜନାରେ ଆଦିବାସୀଙ୍କ ଭାଗୀଦାରିତାକୁ ଅଧିକ କ୍ରୀୟାଶୀଳ କରିବାକୁ ପଡ଼ିବ। ୪) ହିତାଧିକାରୀ ଯୋଜନାକୁ ଉପଯୁକ୍ତ ହିତାଧୀକାରୀଙ୍କୁ ନିକଟରେ ପହଂଚାଇବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଆଗେଇ ଆସିବା ଦରକାର ୫) ଆଦିବାସୀ ସଂସ୍କୃତି, ଲୋକବିଜ୍ଞାନ, ଲୋକକଳା, ଆଦିବାସୀଙ୍କ ସାମର୍ଥ୍ୟ, ଆଦିବାସୀ ଅଂଚଳର ଇକୋ-ସିଷ୍ଟମକୁ ଭଲ ଭାବରେ ଅଧ୍ୟୟନ କରିବାକୁ ପଡ଼ିବ। ଜଣେ ଯାଇ ଦୁଇଚାରି ଦିନ ରହି ଆସି ନିଜର ସନ୍ଦର୍ଭ ବା ନିଜର ମତ ନରଖି, ଅତିକମରେ ବର୍ଷେ ଗୋଟିଏ ଗ୍ରାମରେ ରହି ସେସବୁ କୁ ଅଧ୍ୟୟନ କରିବାକୁ ପଡ଼ିବ। ୬) ସବୁଠାରୁ ବଡ଼ ଗୁରୁତ୍ୱ ପୂର୍ଣ୍ଣ କଥା ଅନେକ ମତ ଦେଇଥିଲେ ଯେ, ବର୍ତ୍ତମାନ ନିଜ ଇତିହାସ ନିଜେ ଆରମ୍ଭ କରିବା ହେଲାଣି। ଅନେକ ସମୟରେ ବାହାର ବ୍ୟକ୍ତି ଆସି ତାହାର ଦୃଷ୍ଟିକୋଣରେ ପୁସ୍ତକ, ଆଦିବାସୀଙ୍କ ଜୀବନଶୈଳୀ, ସଂସ୍କୃତି ସମ୍ପର୍କରେ ଉପସ୍ଥାପନା କରୁଛି। ପୂର୍ବରୁ ଏହିଭଳି ଗତାନୁଗତିକ ହୋଇ ଆସିଛି। ବାହାର ଆଗନ୍ତୁକ ଯିଏ କି ଜଣେ ଗବେଷକ ଭାବରେ ପରିଚିତ, ସେ ଗ୍ରାମରେ ରହି କିମ୍ବା ଆଦିବାସୀଙ୍କ ସହ ଆଲୋଚନା, ରହି ପୁସ୍ତକ ଲେଖିଛନ୍ତି। କିନ୍ତୁ ବର୍ତ୍ତମାନ ସମୟ ଆସିଛି, ସେହି ଗୋଷ୍ଠୀର ଲୋକେ ନିଜେ ନିଜର ଇତିହାସ, ଜ୍ଞାନବିଜ୍ଞାନ, ଲୋକକଥା, ଜୀବନଶୈଳୀରେ ରହିଥିବା ଚିନ୍ତାଧାରା, ଆଦିବାସୀ ଅଂଚଳର ଜୈବ ବିବିଧତା ଆଦି ସମ୍ପର୍କରେ ଲେଖିବାକୁ ପଡ଼ିବ। ଏହିଭଳି ଅନେକ ଲେଖା ହେଲାଣି ଏବଂ ଏହି ପୁସ୍ତକଗୁଡ଼ିକ ଅଧିକ ଲୋକପ୍ରିୟ ହେଉଛି ଏବଂ ଏହି ପୁସ୍ତକ ଆଦିବାସୀଙ୍କ ସାମର୍ଥ୍ୟ ସମ୍ପର୍କରେ ସଚେତନତା କରାଇବାର ଏକ ପ୍ରକୃଷ୍ଟ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବାନାହିଁ ବୋଲି ଅନେକ ବିଶିଷ୍ଟ ବ୍ୟକ୍ତି ମତ ଦେଇଥିଲେ।

କେତେକ ମତ ଆସିଥିଲା ଯେ, ଆଦିବାସୀଙ୍କୁ ସେମାନଙ୍କର ସମସ୍ୟା, ଗୀତ, ନାଚ ଆଦିକୁ ସଂସ୍କୃତିରେ ସୀମିତ ନରଖି ସେମାନଙ୍କର ଭିତରେ ଗର୍ବ କରିବା ଭଳି ଥିବା ଜ୍ଞାନକୌଶଳକୁ ଉଜ୍ଜିବିତ କରିବାକୁ ପଡ଼ିବ ଏବଂ ସେମାନଙ୍କ ମଧ୍ୟରେ ଥିବା ଜ୍ଞାନକୌଶଳକୁ ଡକୁମେଂଟ କରିବାକୁ ପ୍ରସ୍ତାବ ଦେଇଥିଲେ।

ଆଦିବାସୀ ଅଂଚଳ ଆସ୍ତେ ଆସ୍ତେ ନଷ୍ଟ ହୋଇଯାଉଛି। ଆଦିବାସୀଙ୍କ ନିମନ୍ତେ ଯାହା କଲ୍ୟାଣମୂଳକ ଯୋଜନା ପହଂଚୁଛି, ତାହା ସଠିକ ଭାବରେ ବ୍ୟବହାର ହେଉନାହିଁ କିମ୍ବା ପହଂଚୁନାହିଁ, ଏହିଭଳି ଅନେକ ବିଶିଷ୍ଟ ବ୍ୟକ୍ତି ମତ ଦେଇଥିଲେ। ରାଜ୍ୟ ଖାଦ୍ୟ କମିଶନର ଅଧକ୍ଷ ଶ୍ରୀ ରଙ୍ଗଲାଲ ଜାମୁଡ଼ା ମନ୍ତବ୍ୟ ଥିଲା, ଆଦିମ ଜନଜାତିଙ୍କ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କର ବିକାଶ ପାଇଁ ବିଭିନ୍ନ ଯୋଜନା କଲେ ମଧ୍ୟ ଏହାର ସୁଫଳ ସଠିକ ଭାବରେ ମିଳୁନାହିଁ। ଯେଉଁଠି ଆଦିମ ଜନଜାତିର ଅଛନ୍ତି, ସେଠାରେ ସେମାନଙ୍କ ସଂଖ୍ୟା କମୁଥିବା, ସ୍ଥିତି ଭଲ ନଥିବା ବେଳେ ଅଣ-ଆଦିବାସୀଙ୍କ ସଂଖ୍ୟା ଯଥେଷ୍ଟ ମାତ୍ରାରେ ବଢ଼ିଚାଲିଛି। ଏହାଦ୍ୱାରା ଆଦିମ ଜନଜାତିଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି ବୋଲି ଚିନ୍ତା ପ୍ରକଟ କରିଥିଲେ। ଆଦିବାସୀ ଅଂଚଳରେ ଅଣ-ଆଦିବାସୀଙ୍କ ଜନସଂଖ୍ୟା ବଢ଼ିବା ଦ୍ୱାରା ଅନେକ ଅଂଚଳର ଆଦିବାସୀ ସ୍ୱତନ୍ତ୍ର ଅଂଚଳର ମାନ୍ୟତା ହରାଇବାର ଆଶଙ୍କା ରହିଛି। ସରକାର ଯଦି 'ପେସା' ଆଇନକୁ ଲାଗୁ କରିଥାଆନ୍ତେ, ତେବେ ଆଦିବାସୀ ଅଂଚଳରେ ସ୍ଥିତି ଅଲଗା ପ୍ରକାର ହୋଇଥାଆନ୍ତା ! ଏଥିପାଇଁ ସ୍ୱେଚ୍ଛାସେବୀ ସଂଗଠନ, ଗୋଷ୍ଠୀ ତରଫରୁ ଯେଉଁମାନେ ନେତୃତ୍ୱ ନେଇଛନ୍ତି, ସେମାନେ ଆଦିବାସୀଙ୍କ ସାମର୍ଥ୍ୟର ବିକାଶ ଦିଗରେ ଆଗେଇ ଆସିବା ଦରକାର ବୋଲି ମତ ଦେଇଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ବିଶିଷ୍ଟ ସାମାଜିକ କର୍ମୀ ଏବଂ ଲେଖକ ଶ୍ରୀ ଅଚ୍ୟୁତ ଦାସ ମତ ଥିଲା, ଆଦିବାସୀ ଅଂଚଳର ଇକୋ-ସିଷ୍ଟାମ ଆସ୍ତେ ଆସ୍ତେ ଦୁର୍ବଳ ହେବାରେ ଲାଗିଛି। ଗତ କିଛି ବର୍ଷ ଧରି ପାହାଡ଼ ଧସିବାରେ ଲାଗିଛି। ଆମେ ଜଙ୍ଗଲ ସୃଷ୍ଟି କରିପାରିବା, ଆବଶ୍ୟକ ଖାଦ୍ୟ ଉତ୍ପାଦନ କରିପାରିବା, ପଶୁପକ୍ଷୀର ସୁରକ୍ଷା କରିବା, ଆମେ ଆମ ଅଂଚଳର ଇକୋ ସିଷ୍ଟମର ଉନ୍ନତି କରିବା ପାଇଁ ଚିନ୍ତା କରିବା, ପରିବେଶର ସୁରକ୍ଷା କରିବା। ଇକୋ-ସିଷ୍ଟମ ନଷ୍ଟ ହେଉଛି, ଆଉ ବିଗିଡ଼ିବ ନାହିଁ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଅଂଚଳରେ ସବୁ ଆଦିବାସୀଙ୍କୁ ଜମି ମିଳିବ, ଦ୍ୱିତୀୟରେ ମହିଳାମାନଙ୍କ ବିକାଶରେ ସେମାନଙ୍କ ଦ୍ୱାରା ପରିବର୍ତ୍ତନ ହେବ ଏହି ଦୃଷ୍ଟିକୋଣ ରଖି ଅଗ୍ରଗାମୀ କାମ ଆରମ୍ଭ କରିଥିଲା। ଅଗ୍ରଗାମୀ ମାଆମାନଙ୍କ ମାଧ୍ୟମରେ ପରିବର୍ତ୍ତନ ହେବା ପାଇଁ ଦେଖିଛି ଏବଂ ଏଥିରେ ଅନେକ ସଫଳ ହୋଇଛି। ମାଆମାନଙ୍କର ସଶକ୍ତିକରଣ ହେଲେ ପରିବର୍ତ୍ତନ ଆସିବ। ସେମାନଙ୍କର ଜ୍ଞାନକୌଶଳକୁ କିପରି କୁସୁମିତ କରିବା, ତାହା ଆମର ଲକ୍ଷ୍ୟ ରହିବ। ଏଥିପାଇଁ ଆମକୁ ଅଧିକରୁ ଅଧିକ ଥର ଆଦିବାସୀ ଚାଷୀଙ୍କ ସହ ବସିବାକୁ ପଡ଼ିବ। ଅଧିକ ଥର ଗୋଲଟେବୁଲ ବୈଠକରେ ବସିବାକୁ ପଡ଼ିବ। ଏହି ଆଲୋଚନା ଆରମ୍ଭ ହେଲା, ଏହା ନିୟମିତ ହେବା ଦରକାର। ଆମେ କେମିତି ନିଜ ବିଷୟରେ ଉପସ୍ଥାପନା କରିପାରିବା। ଅଗ୍ରଗାମୀ ଦ୍ୱାରା ଦକ୍ଷିଣ ଓଡ଼ିଶାରେ ହୋଇଥିବା ଏହି ଗବେଷଣାତ୍ମକ ଅଧ୍ୟୟନକୁ ନେଇ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ପଚାଶରୁ ଉର୍ଦ୍ଧ୍ୱ ଜନଜାତି, ଗବେଷକ, ସ୍ୱେଚ୍ଛାସେବୀ, ସାମଜିକ କର୍ମୀ, ସାମ୍ବାଦିକ, ବିଶେଷଜ୍ଞ, ନାଗରିକ ସମାଜ, କୁଇ, କୁଭି, ପରଜା, ସଉରା, ଝୋଡ଼ିଆ ଆଦି ଗୋଷ୍ଠୀର ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ଅଂଚଳର ଲୋକବିଜ୍ଞାନ, ସଂସ୍କୃତି, ଜୀବନବଂଚିବାର ଶୈଳୀରେ ଥିବା ଜ୍ଞାନବିଜ୍ଞାନ, ଆଦିବାସୀ ଅଂଚଳର ଜୈବବିବିଧତାକୁ ସ୍ୱତନ୍ତ୍ର ଭାବରେ ବୁଝିବା ଦିଗରେ ଏହି ଆଲୋଚନା ଏକ ସୁଯୋଗ ସୃଷ୍ଟି କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

ରାଣୀଗୁଡ଼ା,ରାୟଗଡ଼ - ୭୬୫୦୦୧
ଫୋନ: ୯୪୩୮୦୮୧୪୩୦




# ଆମ ଚାଷବନ୍ଦୀ: ସୂର୍ଯ୍ୟମୁଖୀ

ଯଦି କେହି ଗୋଟିଏ ରୋପଣରୁ ବହୁମୁଖୀ ଗୁଣ ବିଶିଷ୍ଟ ଉପାଦେୟତା ଖୋଜେ, ତେବେ ସୂର୍ଯ୍ୟମୁଖୀ ବ୍ୟତୀତ ସେ ଆଉ କୋଉ ଚାଷ ହୋଇ ନ ପାରେ। ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ ରାଜା ଷୋଡଶ ଲୁଇ (ଫ୍ରାନସ୍) ଏହି ଫୁଲକୁ ତାଙ୍କ ରାଜ୍ୟର ଜାତୀୟ ପ୍ରତୀକ ରୂପେ ବ୍ୟବହାର କରୁଥିଲେ। ସେ ମଧ୍ୟ ନିଜକୁ 'ରାଜା ସୂର୍ଯ୍ୟ' ରୂପେ ବିଦିତ କରିଥିଲେ। ଏ ସୂର୍ଯ୍ୟମୁଖୀକୁ ଭିନ୍‌ସେଣ୍ଟ୍‌ଭାନ୍ ଗୋଗ୍ ମଧ୍ୟ ତାଙ୍କ ରଞ୍ଜିତ ଚିତ୍ରମାନଙ୍କରେ ରଙ୍ଗରୂପେ ବ୍ୟବହୃତ କରୁଥିଲେ।

ସୂର୍ଯ୍ୟମୁଖୀ, ଯାହାକି ମଞ୍ଜିରେ ଭରପୂର, ସୋୟାବିନ୍, ବାଦାମ ଏବଂ ଜଡ଼ାତେଲ ପରି ପୁଷ୍ଟିସାର, କ୍ୟାଲସିୟମ ଲବଣଯୁକ୍ତ ଏବଂ ଏହା ଖାଇବା ତେଲ। ସୂର୍ଯ୍ୟମୁଖୀ ମଞ୍ଜିକୁ ପେଡ଼ି ଏଥିରୁ ତେଲ ବାହାର କରାଯାଏ। ଏହା ଖାଦ୍ୟୋପଯୋଗୀ ଉଦ୍ଭିଦଜାତ ତେଲକୁ ଏକପ୍ରକାର ଲହୁଣୀ ଏବଂ ଖସଡ଼ା ବା ମସୃଣ କରିବା ପଦାର୍ଥ ବା ସ୍ନେହକ ରୂପେ ବ୍ୟବହାର କରାଯାଏ। ପେଡ଼ା ସମୟରେ ସୂର୍ଯ୍ୟମୁଖୀରୁ ବାହାର କରାଯାଉଥିବା ଚୋପା ବା ଖୋଳପା ମଧ୍ୟ ଭାଟି ବା ବାଷ୍ପୀୟ ଟାଙ୍କିରେ ଜାଳେଣି ପାଇଁ ବ୍ୟବହାର କରାଯାଇଥାଏ। ସୂର୍ଯ୍ୟମୁଖୀରୁ ପ୍ରସ୍ତୁତି ଏକ ପ୍ରକାର ପ୍ରସ୍ତୁତ ପିଠା (କେକ୍)



ପଶୁଖାଦ୍ୟ ରୂପେ ବ୍ୟବହୃତ ହୁଏ। କାରଣ ଏଥିରେ ପ୍ରଚୁର ପରିମାଣରେ ପୁଷ୍ଟିସାର ଥାଏ। ଏହାର ଖୋଳଯୁକ୍ତ ମଞ୍ଜିକୁ ପଞ୍ଜୁରୀପକ୍ଷୀ ବା ସେହିପରି ଛୋଟ ପୋଷା ଜୀବଙ୍କୁ ଖାଦ୍ୟ ଆକାରରେ ଦିଆଯାଏ। ରୋଷେଇରେ ସୂର୍ଯ୍ୟମୁଖୀ ତେଲର ନିୟମିତ ବ୍ୟବହାର ଶରୀରକୁ କୋଲଷ୍ଟୋରାଲ୍‌ର ପ୍ରବାହ କମାଇବାରେ ସାହାଯ୍ୟ କରିବା ସହିତ ହୃଦ୍‌କ୍ରିୟା ସଂକ୍ରମଣକୁ ଦୂରେଇଥାଏ।

ପାରମ୍ପରିକ ଦୃଷ୍ଟିରୁ ଏହାର ବହୁବିଧ ବ୍ୟବହାର ଅଛି। ଏହା ଉତ୍ତର-ଆମେରିକାର ଭାରତୀୟ (ରେଡ଼ଇଣ୍ଡିୟାନ) ମାନଙ୍କର ୩୦୦୦ବର୍ଷଧରି ଏକ ସଂସ୍କୃତି ଥିଲା। ସେଠି ଏହା ପ୍ରଧାନତଃ ଖାଦ୍ୟ, ଔଷଧ ଓ ରଙ୍ଗ ଆକାରରେ ପ୍ରଥମେ ବ୍ୟବହାର ହେଉଥିଲା। ଖ୍ରୀଷ୍ଟ ୧୫୧୦ ସ୍ପେନୀୟ ଆବିଷ୍କାରକମାନେ ପ୍ରଥମଥର ପାଇଁ ଏହାକୁ ନିଉସେକ୍‌ସିକୋରେ ଦେଖିଲେ ଏବଂ ଏହାର କିଛି ମଞ୍ଜି ସ୍ପେନକୁ ନେଇଆସିଲେ। ସେଇଠୁ ଏ ବିହନ ସାରା ଇଉରୋପ ଓ ରୁଷିଆ ବିଞ୍ଛି ହୋଇଗଲା। ଏମାନେ ହେଉଛନ୍ତି ଏବେ ପୃଥିବୀର ସର୍ବାଧିକ ସୂର୍ଯ୍ୟମୁଖୀ ଉତ୍ପାଦାନକାରୀ ଦେଶ। ଏମାନଙ୍କ ବ୍ୟତୀତ ଚାଇନା, ଭାରତ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ସୂର୍ଯ୍ୟମୁଖୀର ବହୁଳ ଚାଷ ଦେଖାଯାଏ।

ସୂର୍ଯ୍ୟମୁଖୀ ଏକ ଖରାଦିନିଆ ଶୁଷ୍କଭୂମି ଚାଷ। ଏହା ସାଧାରଣତଃ ସେପ୍ଟେମ୍ବର ପରଠୁ ଜାନୁୟାରୀ ମଧ୍ୟରେ ବୁଣାଯାଏ। ଉଚ୍ଚତାରେ ଏହି ଗଛ ପ୍ରାୟ ଏକ ମିଟରରୁ ଦୁଇ ମିଟର। ତେବେ ୬ ମିଟର ଉଚ୍ଚତାର ବି ଗଛ ହୁଏ। ସୂର୍ଯ୍ୟମୁଖୀ ଫୁଲର କଢ଼ି ଫୁଟିବା ପୂର୍ବରୁ, ଏହାର କାତିପତ୍ରଗୁଡ଼ିକ ସୂର୍ଯ୍ୟଆଡ଼କୁ ବଙ୍କାଇ ଯାଆନ୍ତି। ଏହାଫଳରେ ଆଲୋକ ସଂଶ୍ଳେଷଣ ସହଜ ହୁଏ। କଢ଼ିଗୁଡ଼ିକ ପ୍ରସ୍ଫୁଟିତ ହେବାର ଦିନେ ବା ଦୁଇଦିନ ପୂର୍ବରୁ ଏହା ପୁରାପୁରି ଭାବରେ ସୂର୍ଯ୍ୟ ଆଡ଼କୁ ଥାଏ ଓ ସବୁଜରୁ ହଳଦିଆ ପାଲଟିଯାଏ। ସେତେବେଳେ ଏହା ଅମଳ ସମୟ ବୋଲି ବୁଝାପଡ଼େ। ଏହି ସମୟରେ ମଞ୍ଜିଗୁଡ଼ିକର ଆର୍ଦ୍ରତା ପ୍ରାୟ ୧୦ ପ୍ରତିଶତ କମିଯାଇଥାଏ।

ସୂର୍ଯ୍ୟମୁଖୀ ଚାଷ ଏକ ଲାଭଜନକ ନିଶ୍ଚୟ। ଭାରତୀୟ ଜଳବାୟୁ ଅନେକାଂଶରେ ଏହି ଚାଷ ପାଇଁ ବିଶେଷ ଅନୁକୂଳ। ଏହା ଏକ ତୈଳବୀଜ ହେତୁ ଏବଂ ବିଭିନ୍ନ ରୋଗର ନିୟନ୍ତ୍ରିତ କାରଣରୁ ଖାଦ୍ୟକୁ ତେଲ ହିସାବରେ ସୂର୍ଯ୍ୟମୁଖୀକୁ ଆଧାର କରିବା ଉଚିତ୍। କୃଷିକୁଳ ଏହାର ସମୟୋପଯୋଗୀ ଚାଷବନ୍ଦୀ କଲେ, ନିଜର ଆବଶ୍ୟକତା ମେଣ୍ଟାଇବା ସହ, ଅର୍ଥ ଉପାର୍ଜନର ପନ୍ଥାଟିଏ ମଧ୍ୟ ବାହାର କରିପାରିବେ। ଉନ୍ନତ ବିହନ, ସାର, କୀଟନାଶକ ଔଷଧର ପ୍ରୟୋଗ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କୃଷି ବିଭାଗୀୟ ଅଧିକାରୀଙ୍କ ସହିତ ପରାମର୍ଶ କରାଯାଇପାରେ।

# ଓଡ଼ିଶାର ମନୋରମ ପର୍ଯ୍ୟଟନସ୍ଥଳୀ

ବ୍ୟସ୍ତ ଜୀବନରୁ କିଛି ସମୟ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନଟିକୁ ପରିଭ୍ରମଣରେ ଯିବା ପାଇଁ ବେଳେବେଳେ ଆମ ସମସ୍ତଙ୍କର ଇଚ୍ଛା ହୁଏ । ଏଥିପାଇଁ ହୁଏତ ଗ୍ରୀଷ୍ମ ଛୁଟିରେ ଅନେକ ଲୋକ ଶିମଳା, ମନାଲି, କୁଲ୍ଲୁ , ଦାର୍ଜିଲିଂ ଭଳି ହିଲ୍ ଷ୍ଟେସନକୁ ଯିବାକୁ ଯୋଜନା କରିଥାଁନ୍ତି । ଖରାଦିନେ ସୂର୍ଯ୍ୟଙ୍କ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଅନେକ ଏଭଳି ସ୍ଥାନକୁ ଛୁଟି କଟାଇବାକୁ ଯାଇଥାଁନ୍ତି । ଓଡ଼ିଶାରେ ମଧ୍ୟ ଏପରି ଅନେକ ସ୍ଥାନ ରହିଛି ଯାହାକି ଖରାଛୁଟି କଟାଇବା ପାଇଁ ପ୍ରକୃଷ୍ଟ । ଯେପରିକି ଚିଲିକାର ନୀଳ ସୌନ୍ଦର୍ଯ୍ୟ ହେଉ ଅବା ଗୋପାଳପୁର ଓ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି, ଦାରିଙ୍ଗବାଡିର ସୁବଜ ଜଙ୍ଗଲ ଆଦି ସ୍ଥାନ ଖରାଦିନେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଚିଲିକାର ନୀଳ ଜଳରାଶି ସୂର୍ଯ୍ୟଙ୍କ ପ୍ରତ୍ୟେକ ରୂପକୁ ଏକ ନୂଆ ରଙ୍ଗ ଦେଇଥାଏ। ସୂର୍ଯ୍ୟୋଦୟ ସମୟର କଅଁଳ ଖରା ହେଉ ଅବା ସୂର୍ଯ୍ୟାସ୍ତ ସମୟର ରକ୍ତିମ ସୂର୍ଯ୍ୟ କିରଣ ଚିଲିକା ବକ୍ଷରେ ଏହା ସତେ ଯେପରି ଇନ୍ଦ୍ରଧନୁ ଆଙ୍କିଥାଏ। ଚିଲିକା ହ୍ରଦ ବିଭିନ୍ନ ପ୍ରକାର ସାମୁଦ୍ରିକ ଜୀବଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟିଛି। ଏହାସହିତ ନଳବନର ପକ୍ଷୀ ସମାହାର ସ୍ଥାନଟିର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଚିଲିକା ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି । ଏଥିମଧ୍ୟରୁ ସାତପଡା ଅନ୍ୟତମ । ଏହାକୁ ଚିଲିକାର ପ୍ରବେଶ ଦ୍ୱାର ମଧ୍ୟ କୁହାଯାଇପାରିବ କାରଣ ଏହି ପଥରେ ସମୁଦ୍ର ଜଳରାଶି ହ୍ରଦ ମଧ୍ୟକୁ ପ୍ରବେଶ କରିଥାଏ। ଏଠାରୁ ନୌକାଯୋଗେ ଡଲଫିନ ପଏଂଟ୍ ଯାଇପାରିବେ। ବଲାଙ୍ଗୀରଠାରୁ ହାରାହାରି ୮୦ କିମି ଦୂରରେ ଥିବା ହରିଶଙ୍କର ଏହାର ପ୍ରାକୃତିକ ପରିବେଶ ପାଇଁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହାର ପାରିପାର୍ଶ୍ୱିକ ପରିବେଶ କୌଣସି ଚିତ୍ରକର ଦ୍ୱାରା ଅଙ୍କାଯାଇଥିବା ଛବି ଭଳି ମନେହୁଏ। ଗନ୍ଧମାର୍ଦନ ପାହାଡରୁ ବାହାରିଥିବା ଜଳପ୍ରପାତ ଅନେକ ଅଙ୍କାବଙ୍କା ଗତିପଥ ଦେଇ ତଳକୁ ଝରି ଯାଇଥାଏ। ଏହି ପବିତ୍ର ସ୍ଥାନଟିରେ ବିରାଜମାନ କରିଛନ୍ତି ପ୍ରଭୁ ହରିଶଙ୍କର । ଖରାଦିନେ ପରିବାର ସହ ପିକନିକ୍ କରିବା ପାଇଁ ଏହି ସ୍ଥାନଟି ପ୍ରକୃଷ୍ଟ । ନିରୋଳାରେ ଛୁଟି କଟାଇବାକୁ ଇଚ୍ଛା କରୁଥିଲେ ଗୋପାଳପୁର ସମୁଦ୍ର ବେଳାଭୂମି ଯାଇପାରିଁ । ବରହମପୁରଠାରୁ ହାରାହାରି ୧୬ କିମି ଦୂରତାରେ ଥିବା ଏହି ସ୍ଥାନଟି କୋଳାହଳ ଓ ଜନଗହଳିରୁ ମୁକ୍ତ। ଏହାର ବିସ୍ତୀର୍ଣ୍ଣ ବେଳାଭୂମି, ନୀଳ ଜଳରାଶି ଓ ପବନ ସାଙ୍ଗରେ ଦୋଳି ଖେଳୁଥିବା ସମୁଦ୍ର ଲହଡିର ଦୃଶ୍ୟ ବେଶ୍ ମନୋରମ। ଓଡ଼ିଶାର କାଶ୍ମୀର ମାନ୍ୟତା ପାଇଥିବା ଦାରିଙ୍ଗବାଡି କୌଣସି ହିଲ୍ ଷ୍ଟେସନରୁ କିଛି କମ୍ ନୁହେଁ। ଜଙ୍ଗଲର ସବୁଜିମା, ପାଇନ ବଣ, ପାହାଡ, ଝରଣା ସାଙ୍ଗକୁ ବିଭିନ୍ନ କିସମର ଫୁଲ ସ୍ଥାନଟିର ଶୋଭା ବଢାଇଥାଏ। ଏଠାରେ ସ୍ଥାନେ ସ୍ଥାନେ ହଳଦୀ ଓ ସୋରିଷର ଚାଷ କରାଯାଇଥାଏ। ଦାରିଙ୍ଗବାଡିରୁ ଅଳ୍ପ ଦୂରରେ ବାଲିଗୁଡାଠାରେ ଥିବା କୋଟାଗଡ ବାଘ, ହାତୀ, ସମ୍ବର ଓ ବିଭିନ୍ନ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀଙ୍କ ଆଶ୍ରୟସ୍ଥଳ ପାଲଟିଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ବିଷୟରେ ଆଲୋଚନା କରିବା ସମୟରେ ନୀଳାଚଳ ଧାମ ପୁରୀକୁ ଭୁଲି ହେବ ନାହିଁ। ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚୟ ଦେଇଥିବା ଏହି ପୁଣ୍ୟପୀଠଟି ଦେଶର ଚାରିଧାମ ମଧ୍ୟରୁ ଅନ୍ୟତମ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହିତ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟଙ୍କୁ ଆକୃଷ୍ଟ କରିଥାଏ। ଖାସ୍ ଖରାଦିନରେ ଏହା ପର୍ଯ୍ୟଟଙ୍କ ପାଇଁ ଭୂସ୍ୱର୍ଗ ପାଲଟିଯାଏ କହିଲେ ଭୁଲ ହେବନାହିଁ। ଶ୍ରୀକ୍ଷେତ୍ରର ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି। ପୁରୀରୁ ଅଳ୍ପ ଦୂରେ ରହିଛି ଶିଳ୍ପୀ ଗ୍ରାମ ରଘୁରାଜପୁର । ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧ ଏହି ଗ୍ରାମର ପ୍ରତ୍ୟେକଟି ପରିବାର କୌଣସି ନା କୌଣସି ହସ୍ତକଳା ସହିତ ଜଡିତ। ଏହା ହସ୍ତକଳାର ଏକ ମୁକ୍ତ ସଂଗ୍ରହାଳୟ ଭଳି ମନେହୁଏ । ରାଜ୍ୟର ଏହିସବୁ ସ୍ଥାନଗୁଡିକୁ ବର୍ଷର ପ୍ରାୟ ସବୁ ସମୟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥାଏ। *(ସୌଜନ୍ୟ: ପି.ଆଇ.ବି.)*

# ସମସ୍ୟା ପୀଡ଼ିତ ମଣିଷର କଥା

ନିକଟଅତୀତରେ ଏକ ଦୈନିକ ସମ୍ବାଦପତ୍ରରୁ ନୈରାଶ୍ୟଜନକ ସମ୍ବାଦଟିଏ ପଢିଲି। ଗୁରୁତର ରୋଗରେ ପୀଡ଼ିତ ଜଣେ ବ୍ୟକ୍ତି ସୁଦୂର ହାଇଦ୍ରାବାଦ୍‌ରୁ ଆମ୍ବୁଲାନ୍ସରେ ବୁହା ହୋଇ ତାଙ୍କ ନିଜ ସହର ନବରଙ୍ଗପୁରରେ ପହଞ୍ଚିଲେ। ରୋଗୀଟି ଅତି ଗୁରୁତର ଓ ବଞ୍ଚିବାର ଆଶା କମ୍ ଥିବାରୁ ସେ ସାମୟିକ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଲେ। ରୋଗର ସାଂଘାତିକ ଅବସ୍ଥା ଯୋଗୁ ତାଙ୍କୁ ଅକ୍ସିଜେନ୍ ଦେଇ ଆଇସିୟୁ ପ୍ରକୋଷ୍ଠରେ ରଖିବା ପାଇଁ ଉପଦେଶ ଦିଆ ଯାଇଥିଲା। ମାତ୍ର ସେଠାରେ ଦେଖାଗଲା ଯେ, ଆଇସିୟୁ ପ୍ରକୋଷ୍ଠରେ ତାଲା ଝୁଲୁଛି। ଯନ୍ତ୍ରପାତି ସବୁ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଛି। ଏପରିକି ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ସଂଯୋଗ ମଧ୍ୟ ନାହିଁ। ଏଭଳି ଅବସ୍ଥା ଦେଖି ହାଇଦ୍ରାବାଦ୍‌ରୁ ଆସିଥିବା ରୋଗୀ ସହ କର୍ମଚାରୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସେମାନେ ସିନା ଆଶ୍ଚର୍ଯ୍ୟ ହୋଇଥିଲେ, ହେଲେ ଜିଲ୍ଲାବାସୀଙ୍କ ପାଇଁ ଏହା ନୂଆ ଘଟଣା ନଥିଲା। ଦିନ ଥିଲା ଯେତେବେଳେ ଚିକିତ୍ସାଳୟରେ ଔଷଧ ଚିଠା ଲେଖିବା ପାଇଁ କାଗଜର ଅଭାବ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଆର୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେଲା। ସମୁଦ୍ର ଲହଡ଼ି ଭଳି ଅନୁଦାନ ସ୍ରୋତ ମାଡ଼ି ଆସିଲା। ରଙ୍ଗାରଙ୍ଗ ଘର, କାଚର ଦ୍ୱାର ଓ ଝରକା, ଏସି ମେସିନ୍, ମାର୍ବଲ୍ ଚଟାଣ, ଗଦି ଲଗା ଚେୟାର୍, ନିୟନ୍ ଲାଇଟ୍, ଶହଶହ ଗାଡ଼ି ଓ ସୁନ୍ଦର ଉଦ୍ୟାନରେ ହସ୍ପିଟାଲ୍‌ଗୁଡ଼ିକ ଶୋଭା ପାଇଲା। ହେଲେ ବାସ୍ତବ ଭିତ୍ତିଭୂମିର ବିକାଶ ହୋଇ ପାରିଲା ନାହିଁ। ଏବେ ବି ପ୍ରତିଦିନ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରୁ ଶହଶହ ରୋଗୀ ନିଜର ଜରୁରୀ ଚିକିତ୍ସା ପାଇଁ ସୁଦୂର ବିଶାଖାପାଟଣା ଓ ରାୟପୁରକୁ ଯାଉଛନ୍ତି। ସାମାନ୍ୟ ଅଲଟ୍ରାସାଉଣ୍ଡ ପାଇଁ ରୋଗୀକୁ ଛତିଶଗଡ଼ର ଜଗଦଳପୁର ଯିବାକୁ ପଡୁଛି। ଆୟୁଷ ଡ଼ାକ୍ତରଙ୍କୁ ନେଇ ହସ୍ପିଟାଲ୍ ଚାଲୁଛି। ୨୦୧୭ ମସିହାରେ ଏନ୍‌ଆର୍‌ଏଚ୍‌ଏମ୍ କାର୍ଯ୍ୟ ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ କି ଅବସ୍ଥା ହେବ କହିବା ମୁସ୍କିଲ୍। ଏ ସଂପର୍କରେ ଏତିକି କୁହାଯାଇ ପାରେ ଯେ, ଅଜସ୍ର ଅନୁଦାନ ସତ୍ତ୍ୱେ ଆମେ ଯଦି ଆମ ସ୍ୱାସ୍ଥ୍ୟ ସେବାକୁ ସୁଧାରି ପାରିଲୁ ନାହିଁ, ତେବେ ଭଗବାନ୍ ବି ଆମକୁ କ୍ଷମା ଦେବେ ନାହିଁ।

ନବରଙ୍ଗପୁର ସହର ନିକଟରେ ନୂଆ ଭାବେ ଗଠିତ ମିରଗାଣଗୁଡ଼ା ଅଞ୍ଚଳରେ କୋର୍ଟ, କଚେରୀ, ଷ୍ଟାଡିୟମ୍, ବିଭିନ୍ନ ଅଫିସ୍ ଓ ହସ୍ପିଟାଲ୍‌କୁ ସଂଯୋଗ କରି ଯେଉଁ ପ୍ରାୟ ୨ କି.ମି. ରାସ୍ତାଟି ଲମ୍ବିଛି, ତା'ର ନାମକରଣ କରାଯାଇଛି, 'ପ୍ରଗତି ମାର୍ଗ'। ସେହି ରାସ୍ତାଟି ଅତି ସଂକୀର୍ଣ୍ଣ ଓ ଖାଲଖମାରେ ପରିପୂର୍ଣ୍ଣ। ଯାନବାହନଗୁଡ଼ିକ ଅତି ବିପଜ୍ଜନକ ଅବସ୍ଥାରେ ଯାତାୟାତ କରିଥାନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ସେହି ରାସ୍ତା ଦେଇ ପ୍ରତିଦିନ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ବିଚାରପତିମାନେ ଯାଇଥା'ନ୍ତି। ପ୍ରତିବର୍ଷ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ଜିଲ୍ଲା ସ୍ତରୀୟ ପ୍ୟାରେଡ୍ ମଧ୍ୟ ସେଠାରେ ଅନୁଷ୍ଠିତ ହୋଇଥାଏ। ଏହିସବୁ ଦିବସର ଦିନକ ପୂର୍ବରୁ କିଛି ବାଲି ମାଟି ପକାଇ ରାସ୍ତାକୁ ସମତୁଳ କରାଯାଏ। ୨/୩ ଦିନ ପରେ ଯେଉଁ ଖାଲଖମାକୁ ସେହି ଖାଲଖମାରେ ରାସ୍ତା ପୁରିଯାଏ। ପ୍ରଗତିମାର୍ଗର ଯଦି ଏହି ଅବସ୍ଥା, ଅନ୍ୟ ରାସ୍ତାର ଅବସ୍ଥା କ'ଣ, ତାହା ସହଜରେ ଅନୁମେୟ।

ନବରଙ୍ଗପୁର-ଉମରକୋଟ ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ରାସ୍ତା ଧୋଡ୍ରା ଠାରୁ ବାହାରି ସିଂସାରୀ ଦେଇ ଓଡ଼ିଶା ସୀମା ଅତିକ୍ରମ କରି ଜଗଦଲପୁର ସହରକୁ ଯାଇଛି। ଆଜିକୁ ୩୦ବର୍ଷ ତଳେ ଏହି ରାସ୍ତାଟି ମାଟି ମୋରମ୍ ରାସ୍ତା ଥିଲେ ହେଁ ଗମନାଗମନ ଉପଯୋଗୀ ଥିଲା। ମାତ୍ର ପରବର୍ତ୍ତୀ କାଳରେ ପିଚୁ ଓ ମରାମତି ଆଳରେ ରାସ୍ତାଟିକୁ ଏଭଳି କଦର୍ଯ୍ୟ କରାଯାଇଛି ଯେ, ଆଜିକୁ ୧୦ବର୍ଷ ହେଲା ରାସ୍ତାଟି ଗମନାଗମନ ପାଇଁ ସଂପୂର୍ଣ୍ଣ ଅନୁପଯୋଗୀ ହୋଇ ପଡ଼ିଛି। ବାଧ୍ୟ ହୋଇ ଲୋକେ ଛତିଶଗଡ଼ର କଣ୍ଡାଗାଁ ଦେଇ ଅଧିକ ୪୦ କି.ମି. ଅତିକ୍ରମ କରି ଜଗଦଲପୁର ଯାଉଛନ୍ତି। ବେଳେବେଳେ କେବିକେ ପ୍ରଶାସକ ତାରା ଦତ୍ତଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ଥିଲେ, ପୁଳିଏ ମାଟି ପକାଇ ପ୍ୟାଚ୍ ଦେଇ ରାସ୍ତାକୁ ସମାନ କରିବାକୁ ଚେଷ୍ଟା କରାଯାଉଛି। ଏହି ଜିଲ୍ଲାର ଦୁଃଖଭରା କାହାଣୀ ଅନେକ। ସବୁଥାଇ ମଧ୍ୟ ଏହି ଜିଲ୍ଲା ଓଡ଼ିଶାରେ ଦରିଦ୍ରତମ ଜିଲ୍ଲାର ମାନ୍ୟତା ପାଇଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହା ସବୁଠୁ ତଳେ। କୌଣସି ବୃହତ୍ ଶିଳ୍ପ ନାହିଁ। ଏଠାରେ ଜଳସେଚନର ମଧ୍ୟ କୌଣସି ସୁବିଧା ନାହିଁ। ସରକାରୀ କଲେଜ୍ ନାହିଁ। ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ। ରେଳଲାଇନ୍ ନାହିଁ। ଅବହେଳାର ଚରମ ସୀମା ପାର କରିଛି ଏହି ଜିଲ୍ଲା। ପ୍ରଗତିର ରଥ ଯେପରି ରାସ୍ତାରେ ଜାମ୍ ହୋଇଯାଇଛି। ଜିଲ୍ଲାର ଏହି ଦୁର୍ଯୋଗ ବେଳେ ଜିଲ୍ଲାର ପ୍ରଶାସକ ଗୋଷ୍ଠୀ ଓ ଜନପ୍ରତିନିଧି ଗୋଷ୍ଠୀ ଉଭୟ କଳହରେ ମାତି ରହିଛନ୍ତି। ଏହାକୁ କେବଳ ଜିଲ୍ଲାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ!


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଓଡ଼ିଶୀ ପାଇଁ ସମର୍ପିତ ପତିତପାବନ : ଗଢ଼ିଲେଣି ଶତାଧିକ ଓଡ଼ିଶୀ ନୃତ୍ୟଶିଳ୍ପୀ

ଚଣ୍ଡିଖୋଲ ,(ପି.ଏନ): ସ୍ୱତନ୍ତ୍ରବାର୍ତ୍ତା ବ୍ୟୁରୋ: ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ଓଡ଼ିଶୀ ନୃତ୍ୟ। ଜଗନ୍ନାଥ ସଂସ୍କୃତି ସହ ଓଡ଼ିଶୀ ନୃତ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଛାନ୍ଦ, ତାଳ, ଲୟରେ ବାନ୍ଧି ହୋଇ ଓଡ଼ିଶୀ ନୃତ୍ୟ ପ୍ରେମରେ ପଡ଼ିଛନ୍ତି ଅଗଣିତ ବିଦେଶୀ ନାଗରିକ। ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏ ଦିଗରେ ଓଡ଼ିଶୀ ନୃତ୍ୟଗୁରୁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି। ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର କରି ଏହାକୁ ସମୃଦ୍ଧ କରିବାରେ ଲାଗିଛନ୍ତି। ଗଢ଼ି ଚାଲିଛନ୍ତି ନୂଆ ନୂଆ ଓଡ଼ିଶୀ ନୃତ୍ୟଶିଳ୍ପୀ। ଏମିତି ଜଣେ ଓଡ଼ିଶୀ ନୃତ୍ୟଗୁରୁ ହେଉଛନ୍ତି ଗୁରୁଶ୍ରୀ ପତିତପାବନ ସାହୁ। 'ପୁପି' ସାର୍ ନାମରେ ପରିଚିତ ହୋଇ ଶହଶହ କୁନି ପ୍ରତିଭାଙ୍କୁ ଓଡ଼ିଶୀ ନୃତ୍ୟରେ ମାହିର୍ କରୁଛନ୍ତି। ମାତ୍ର ୨୭ ବର୍ଷ ବୟସରେ ତାଙ୍କର ଏଭଳି ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଯୁବଗୋଷ୍ଠୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ସାଜିଛନ୍ତି। ଯାଜପୁର ଜିଲ୍ଲା



ବଡ଼ଚଣା ବ୍ଲକ୍ ଖଏରା ଗ୍ରାମର ସ୍ୱର୍ଗତ ହଟକିଶୋର ସାହୁ ଓ ସଞ୍ଜୁକ୍ତା ସାହୁଙ୍କ ଜ୍ୟୋଷ୍ଠପୁତ୍ର ହେଉଛନ୍ତି ପତିତପାବନ ଓରଫ ପୁପି(୨୭)। ପିଲାଦିନେ ବାପାଙ୍କ ସାଙ୍ଗରେ ଏକ ନୃତ୍ୟ ଅନୁଷ୍ଠାନକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ସେଠାରେ କୁନିକୁନି ପିଲାମାନେ ଓଡ଼ିଶୀ ନୃତ୍ୟ ଶିଖୁଥିବା ଦେଖିଥିଲେ। ଏହା ତାଙ୍କ ମନରେ ଘର କରିଥିଲା। ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ମନ ବଳାଇଥିଲେ। ପୁଅର ଇଚ୍ଛାକୁ ସମ୍ମାନ ଦେଇ ବାପା ୧୨ ବର୍ଷ ବୟସରେ ତାଙ୍କୁ ଓଡ଼ିଶୀ ନୃତ୍ୟାନୁଷ୍ଠାନରେ ନାଁ ଲେଖାଇଥିଲେ। ଏହାପରଠୁ ଆଉ ପଛକୁ ଫେରି ଚାହିଁନାହାଁନ୍ତି ପତିତପାବନ। ଗୁରୁ ବୈଦ୍ୟନାଥ ପ୍ରାଧାନୀ ଠାରୁ ନୃତ୍ୟ ଶିକ୍ଷା କରିଥିଲେ। ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ଦୁର୍ବଳତା ତାଙ୍କୁ ସଫଳତା ଆଡ଼କୁ ଅଗ୍ରସର କରାଇଥିଲା। ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ବେଶ୍ ପ୍ରଶଂସା ସାଉଟିଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସେ ପ୍ରାୟ ୧୦ ଥର ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ନଜରକୁ ଆସିଥିଲେ। ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏତିକିରେ ସେ ଅଟକି ନଯାଇ ଦେଶବିଦେଶରେ ନାଁ କମାଇବାକୁ ଉଦ୍ୟମ ଚଳାଇଛନ୍ତି। ଓଡ଼ିଶୀ ନୃତ୍ୟ ପ୍ରତି ସମର୍ପଣ ଭାବ ନେଇ ସେ ଆଗେଇ ଚାଲିଛନ୍ତି। ଏହାର ପ୍ରଚାରପ୍ରସାରରେ ନିଜକୁ ନିୟୋଜିତ ମଧ୍ୟ ରଖିଛନ୍ତି। କୁନିକୁନି ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଉଛନ୍ତି। ତାଙ୍କରିଠାରୁ ନୃତ୍ୟ ଶିକ୍ଷା କରୁଥିବା ଅନେକ କୁନି ପ୍ରତିଭା ମଧ୍ୟ ରାଜ୍ୟ ତଥା ଜାତୀୟ ସ୍ତରରେ ସଫଳତା ସାଉଁଟିଛନ୍ତି। ଓଡ଼ିଶୀ ନୃତ୍ୟ ପାଇଁ ସାରା ଜୀବନ ଉତ୍ସର୍ଗ କରିବାକୁ ଅଙ୍ଗୀକାର ବଦ୍ଧ ହୋଇଥିବା କହିଛନ୍ତି ଗୁରୁଶ୍ରୀ ପତିତପାବନ ସାହୁ। ଯୁବ ବୟସରେ ଏଭଳି ଉଦ୍ୟମକୁ ନୃତ୍ୟପ୍ରେମୀ ପ୍ରଶଂସା କରିବା ସହ ତାଙ୍କର ଉତ୍ତୋରତର ଉନ୍ନତି କାମନା କରୁଛନ୍ତି।

# ରାୟଗଡାରେ ତୃତୀୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ

ରାୟଗଡା,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧୁକରଣ ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଆଜି ତୃତୀୟ ରାଷ୍ଟ୍ରିୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ, କାଶିପୁର ରେ ଦୀର୍ଘ ଦିନ ଧରି ପଡିରହିଥିବା ୨୯୫୧ ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ଟ. ୫୨୧୭୬୩୨ (ବାବନ୍ ଲକ୍ଷ ସତର ହଜାର ଛଅ ସହ ବତିସ) ଟଙ୍କା, ରାଜସ୍ୱ ସମ୍ବନ୍ଧିତ ୩୫ ଟି ମାମଲା ଫଇସଲା, ଲେବର ଡିସ୍ପୁଟ୍ ସମ୍ବନ୍ଧିତ ୫ ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ଟ. ୩୨୯୬୨୫ (ତିନି ଲକ୍ଷ ଅଣତିରିସ୍ ହଜାର ଛଅ ସହ ପଚିସ) ଟଙ୍କା ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୩୮ଟି ମାମଲାର ଫଇସଲା ହୋଇ ଜରିମାନା



ବାବଦକୁ ଟ.୧୦୪୪୫୦୦( ଦସ ଲକ୍ଷ ଚଉରାଳିସ ହଜାର ପାଞ୍ଚ ସହ) ଟଙ୍କା ଆଦାୟ ହୋଇଛି । ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜୈରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତ କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତି ନିବେଦିତା ପଣ୍ଡା ପରିଚାଳନା କରିଥିଲେ । ଏଥିରେ ପରିବାର ଅଦାଲତ ର ବିଚାରପତି ଶ୍ରୀ ଅମୃତ ରଞ୍ଜନ ନନ୍ଦ, ସ୍ଥାୟୀ ଲୋକଅଦାଲତର ଅଧକ୍ଷ ଶ୍ରୀ ଏସ.ଏ.କେ ଜାହିରା ଅହମଦ, ଅତିରିକ୍ତ ଜିଲ୍ଲା ଜୈରା ଜଜ୍ ଶ୍ରୀମତି ରୀନା ଚୌଧୁରୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ମିନାକ୍ଷୀ ପ୍ରିୟଦର୍ଶିନି, ମହିଳା କୋଟ ର ବିଚାରପତି ଶ୍ରୀମତି ଶୋନଲ ସର୍ମା, ରେଜିଷ୍ଟ୍ରର ଦେବିଜ୍ୟୋତି ମହାପାତ୍ର, ସବ୍ ଜଜ୍ ଶ୍ରୀ ସୋମ୍ୟରୂପ ସାହୁ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ନ୍ୟାୟଧୁକାରୀ ଶ୍ରୀ ଚନ୍ଦନ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧୁକରଣ ତଥା ଜିଲ୍ଲା ଅଦାଲତ ର କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday September 25 2024 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୫,୨୦୨୪ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com



## ଗଜପତି ଆଇନ ସେବା ପ୍ରାଧିକରଣ ତରଫରୁ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସଚେତନତା ଶିବିର

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଗାରାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କ ନାମଲେଖା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାରଳା ଆଇନସେବା ପ୍ରାଧିକରଣର ସଚ୍ଚିବ ବିମଳ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଗଣା ଆଇନସେବା ବିଷୟରେ ସଚେତନତା କରାଇବା ସହିତ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ କିପରି ଅଧିକରୁ ଅଧିକ ନାମଲେଖା କରାଇବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଗୋଷାଣୀ ବିଡିଓ ଅଜୟ କୁମାର ପ୍ରଧାନ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ବିଷୟରେ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ଟି



କିଶୋର କୁମାର ଯୋଗ ଦେଇ ଶିକ୍ଷା ଅଧିକାର ଆଇନ ଏବଂ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ପୁଣିଥର ବିଦ୍ୟାଳୟକୁ ଫେରାଇ ଆଣିବା ନେଇ ସଚେତନ କରାଇଥିଲେ। ପଞ୍ଚାୟତ ସରପଞ୍ଚ ପି.ଅଶୋକ କୁମାର, ପିଇଓ ଅଶୋକ କୁମାର ପାତ୍ର, ନାଏବ ସରପଞ୍ଚ ଡି.ମାଧୁରୀ ପ୍ରମୁଖ ଯୋଗ ଦେଇ ନିଜନିଜର ମତବ୍ୟକ୍ତ କରିଥିଲେ ।

## ଗଜପତିରେ ଅବକାରୀ ବିଭାଗ କୋମାରେ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାରେ ଅବକାରୀ ବିଭାଗ କୋମାରେ ରହିଥିବା ଅନୁଧାନରୁ ଜଣା ପଡିଛି. ଅବକାରୀ ବିଭାଗ ଚେଇଁ ଶୋଇଥିବାବେଳେ ଗଜପତି ଜିଲ୍ଲାରେ ପୋଲିସ କରୁଛି ଅବକାରୀ ବିଭାଗର କାର୍ଯ୍ୟ. ଅନେକ ସମୟରେ ଦେଶୀ ଚୋରା ମଦ କାରବାରରେ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ପୋଲିସ ଚଢ଼ଉ କରି ଦେଶୀ ମଦ କାରବାରକୁ ଜବତ କରୁଛି. ଗତ ୨ ଦିନ ତଳେ ଗଜପତିର ଗାରାବନ୍ଧ ପୋଲିସ ଅବକାରୀ ବିଭାଗର ମାସିକ ପାଉଣାରେ ଚୋରା ଦେଶୀ ମଦ ଭାଟିରେ ମଦ ତିଆରି ପାଇଁ କଳାସିଂହ ଗ୍ରାମରେ ଗଛିତ ଥିବା ମହୁଲ ପୋଚ୍‌କୁ ଜବତ କରି ପୋଲିସ ନଷ୍ଟ କରିଥିବା ଜଣା ଯାଇଛି। ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ହାତଗଣତି ଦେଶୀ ମଦ ଭାଟି ରହିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଚୋରାରେ ରନ୍ଧା ଦେଶୀ ମଦ ପ୍ରଚୁର ପରିମାଣରେ ମିଳୁଛି । ପାରଳାଖେମୁଣ୍ଡି ସହରରେ ସରକାରୀ ଲାଇସେନ୍ସ ସ୍ୱୀକୃତ କୌଣସି ଦେଶୀ ମଦ କାଉଣ୍ଟର ନ ଥିଲେ ହେଁ ମହେନ୍ଦ୍ରତନୟା ନଦୀତଟ, ରାମନଗର, ମାର୍କେଟ ସାହି, ଜାଗିଲି ସାହି ଆଦିରେ ଦେଶୀ ମଦ ପାଉଚ୍ ବିକ୍ରି ହେଉଛି। ସେହିପରି ଚୋରା ରନ୍ଧା ମଦ



ମଧ୍ୟ ଖୋଲାଖୋଲି ଭାବେ ବିକ୍ରି ହେଉଛି । କାଶୀନଗର ବ୍ଲକରେ ଅବକାରୀ ସ୍ୱୀକୃତପ୍ରାପ୍ତ ଏକ ମାତ୍ର ଭାଟି ଚାଲୁ ରହିଥି?ବା ବେଳେ ଅନ୍ୟ କେଉଁରେ ମଦଭାଟି ପାଇଁ ଲାଇସେନ୍ସ ନ ଥିବା ଜଣାପଡ଼ିଛି। ଏପରି ସ୍ଥଳେ ପ୍ରଚୁର ପରିମାଣର ଦେଶୀ ମଦ କେଉଁଠାରୁ ଆସୁଛି ତାହା ତଦନ୍ତ ସାପେକ୍ଷ ଅବକାରୀ ବିଭାଗ ନାମକୁମାତ୍ର କେତେଟି ସ୍ଥାନରେ ଚଢ଼ଉ କରି ଦାୟିତ୍ୱ ମୁକ୍ତ ହେଉଥିଲେ ମଧ୍ୟ ସେପରି ଆଖିଦୃଶିଆ ଚଢ଼ଉ କରୁ ନ ଥିବାରୁ ଅବାଧ ଦେଶୀ ମଦ କାରବାର ବୃଦ୍ଧି ପାଉଛି ଓ ପାରଳା ସହର ସମେତ ଗଜପତି ଜିଲ୍ଲାର ଗୁମ୍ମା, କାଶୀନଗର, ମୋହନା, ନୂଆଗଡ, ରାୟଗଡ଼, ଆର. ଉଦୟଗିରି, ଗୋଷାଣୀ ଆଦି ବ୍ଲକରେ ଅବକାରୀ ବିଭାଗର ସମ୍ପୂର୍ଣ୍ଣ ଜ୍ଞାତସାରରେ ଚୋରା ଦେଶୀ ମଦ ଭାଟି ରହିଥିବାବେଳେ ଗ୍ରାମାଞ୍ଚଳରେ ଶତାଧିକ ଚୋରା ମଦ ବିକ୍ରୟ କେନ୍ଦ୍ରରେ ଏପରି ଅବାଧ ଦେଶୀ ମଦ ବିକ୍ରି ଖୋଲାଖୋଲି ଭାବେ ହେଉଛି । ତାହାକୁ ରୋକା ନ ଗଲେ ଗଂଜାମ ଜିଲ୍ଲା ମଦ ମୃତ୍ୟୁ ଘଟଣା ଭଳି ଏଠାରେ ମଧ୍ୟ ମଦମୃତ୍ୟୁ ମାମଲା ହେବା ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି. ଜିଲ୍ଲା ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେଇ ଅବାଧ ଦେଶୀମଦ କାରବାରକୁ ରୋକିବା ପାଇଁ ପ୍ରୟାସ କରିବାକୁ ଦାବି ହେଉଛି। ଏଠାରେ ସୂଚନାଯୋଗ୍ୟଯେ, ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ପୁଲିସ ପକ୍ଷରୁ କଳାସିଂହ ଗ୍ରାମରେ ଚୋରା ଦେଶୀମଦ ପ୍ରସ୍ତୁତି ପାଇଁ ଥିବା ମହୁଲ ପୋଚ୍‌କୁ ଜବତ କରାଯାଇ ନଷ୍ଟ କରାଯାଇଛି। ଏହି ଅଚାନକ ଚଢ଼ଉର ନେତୃତ୍ୱ ନେଇଥିଲେ ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକାଙ୍କ ସହ ଏସ୍ ?ଆଇ ନାରାୟଣ ଦାସ ଏବଂ ଗାରାବନ୍ଧ ପୁଲିସ କର୍ମଚାରୀ। ଗତ କିଛି କିଛିଦିନ ପୂର୍ବେ ? ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅଞ୍ଚଳରେ ଚୋରା ଦେଶୀମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ଥିବା । ଜଣାପଡ଼ିଛି। ସେହିପରି ଗଜପତି ଜିଲ୍ଲାର ଅନେକ ଅଞ୍ଚଳରେ ଚୋରା ଦେଶୀମଦ ପ୍ରସ୍ତୁତି ହୋଇ ଚୋରାରେ ବିକ୍ରି ହେଉଥିବା ବେଳେ ଅବକାରୀ ଏବଂ ସ୍ଥାନୀୟ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରାମଦ ପ୍ରସ୍ତୁତି ସ୍ଥାନ ଚିହ୍ନଟ କରି ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେବା ସହ ଆଗାମୀ ଦିନରେ ଯେପରି ଅକାଳରେ ମଦ ପିଇ ନିରୀହ ଜୀବନ ନଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ କ୍ୟାମେରା ମ୍ୟାନ ଦୁଃଖୀ ଶ୍ୟାମ ପ୍ରଧାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଫୁଲବାଣୀ : କନ୍ଧମାଳ ଜିଲ୍ଲା ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ ବରିଷ୍ଠ କ୍ୟାମେରା ମ୍ୟାନ ଦୁଃଖୀ ଶ୍ୟାମ ପ୍ରଧାନଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଜିଲ୍ଲା ପ୍ରେସ କ୍ଲବ ଠାରେ ଏକ ଶୋକ ସଭା ଆୟୋଜନ କରାଯାଇଥିଲା କ୍ଷ ସର୍ବପ୍ରଥମେ ସମ୍ପାଦକ ଶିବ ବିଶ୍ୱାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସଭାପତି ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ସଭା ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ କ୍ଷ ସଭାପତି ଅନୁରୋଧ କ୍ରମେ ସ୍ୱର୍ଗତ ଦୁଃଖୀ ଭାଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ଦୁଇ ମିନଟ ନୀରବ ପ୍ରାର୍ଥନା ପୂର୍ବକ ଫୋଟ ପ୍ରତିଛବି ରେ ପୁଷ୍ପ ଓ ଧୂପ ପ୍ରଦାନ କରାଯାଇଥିଲା । ପରେ ସଂଘର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ ଦୁଃଖୀ ଶ୍ୟାମଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ କ୍ଷ ଏଥି ସହିତ ପୂର୍ବତନ ଚାଇଲ୍ଡ ଲାଇନ ସଦସ୍ୟ ଶିବ ବେହେରା ସ୍ୱର୍ଗତ ଦୁଃଖୀ ଭାଇ ଜଣେ ହସଖୁସି ମିଜାଜ ଓ ମେଳାପୀ ଥିଲେ କ୍ଷ ସାନକୁ ଶ୍ରଦ୍ଧା ବଡ଼କୁ ସମ୍ମାନ ପ୍ରଦାନ କରୁଥିଲେ ବୋଲି କହିଥିଲେ କ୍ଷ ତାଙ୍କ ସ୍ମୃତିରେ ସଦସ୍ୟ ମାନେ ନିଜ ନିଜର ଅଭିଜ୍ଞତା ସମ୍ବନ୍ଧରେ କିଛି କିଛି ବକ୍ତବ୍ୟ ରଖିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବ୍ରଜ ମୋହନ ନାୟକ, ବୈଦ୍ୟ ନାଥ ନାୟକ, ଶିବ ପ୍ରସାଦ ନାୟକ, ରଞ୍ଜନ ଦାସ, ପ୍ରଶାନ୍ତ ଜେନା, ଶିବ ରାମ ନାୟକ,ପ୍ରଶାନ୍ତ ପଣ୍ଡା, ରଞ୍ଜିତ କୁମାର ଦିଗାଲ, ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବାସୁଦେବପୁରରେ ଧରାପଡିଲେ ଗଞ୍ଜେଇ ବେପାରୀ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳ ରେ ପଶ୍ଚିମବଙ୍ଗର ଗଞ୍ଜେଇ ବେପାରୀ ଙ୍କ ରାଜ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଗତକାଲି ଅପରାହ୍ନରେ ବେତଡା ଗୋରୁ ହାଟ ନିକଟରୁ ତିନି ଜଣ ଙ୍କୁ ଗିରଫ କରିଛି ବାସୁଦେବପୁର ପୋଲିସ । ଏହି ଅବସରରେ ବାସୁଦେବପୁର ଥାନା ପରିସରରେ ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବାସୁଦେବପୁର ଆଇ ଆଇ ସି ଲୋପାମୁଦ୍ରା ନାୟକ। ବାସୁଦେବପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଙ୍କ ତତ୍ୱାବଧାନରେ ଏସଆଇ ପୁନମ ଦେବୀ ବେହେରା, ଏସଆଇ ଅଧିକାରୀ ଦେବି ପ୍ରସାଦ ମହାପାତ୍ର ଙ୍କ ସହିତ କନେଷ୍ଟବଳ ସଞ୍ଜୟ ମହନ୍ତ ବେତଡା ଗୋରୁ ହାଟ ଛକରୁ ଗଞ୍ଜେଇ ବେପାରୀ ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ରେ ଗଞ୍ଜେଇ ଭର୍ତ୍ତି କାରଟିକୁ କାବୁ କରିଥିଲେ ଏବଂ ତିନି ଜଣ ଗଞ୍ଜେଇ ବେପାରୀ ଙ୍କ ସହିତ ୨୦ କିଲୋଗ୍ରାମ ରୁ ଅଧିକ ଗଞ୍ଜେଇ , ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ,ଏକ ହୋଣ୍ଡା ୟୁନିକନ ମଟରସାଇକେଲ ( କେ ଏ ୦୨ ଇ ଏସ ୨୩୪ ) , ତିନୋଟି ମୋବାଇଲ, ନଗଦ ୫୦୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ତିନି ଜଣ ପଶ୍ଚିମ ବଙ୍ଗର ୨୪ ପ୍ରଗଣାର କାଲୁ ହଲଦାର (୩୭), ମୋସରାଫିଲ୍ ଲସ୍କର (୧୯), ସଞ୍ଜୟ ସରକାର (୪୭)। ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କୁ କେଶ ନଂ ୫୩୫/୨୪ରେ ୟୁ/ଏସ - ୨୦ ( ବି)( ସସ )(ସି) ଏନଡିପିଏସରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବାସୁଦେବପୁର ପୋଲିସ। ସେହିପରି ଭାବରେ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ଜଣେ ଗଞ୍ଜେଇ ବେପାରୀ ଙ୍କୁ ଗିରଫ କରିବା ସହିତ ୯ କିଲୋଗ୍ରାମ ର ଗଞ୍ଜେଇ ଜବତ୍ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତକାଲି ସକାଳ ପ୍ରାୟ ୯ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ସୁପରିନଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଆଇ ସି ନଟବର ମଲ୍ଲିକ୍ ଏବଂ ତାଙ୍କ ଟିମ୍ ଙ୍କ ମିଳିତ ଭାବରେ ଚଢାଉ କରି ମାତାଜୀମଠ ଛକରୁ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହିତ ଏକ ହୁଣ୍ଡାଇ କାର ( ଓ ଡି ୦୧ ୱାଇ ୬୫୬୯) ଏବଂ ନଗଦ ୧୨୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ଗଞ୍ଜେଇ ବେପାରୀ ବେତଡା ଚନ୍ଦନପୁର ଗ୍ରାମ ର କଳ୍ପତରୁ ବିଶ୍ୱାଳଙ୍କୁ କେଶ ନଂ ୬୬/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ତାପମାତ୍ରା ଓ ପରିବେଶ ସୁରକ୍ଷା ପାଇଁ ଗୁରାଣ୍ଡିରେ ଯୁବଗୋଷ୍ଠୀଙ୍କ ଚାରାରୋପଣ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମାଞ୍ଚଳରେ ଗୁରାଣ୍ଡି ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଉତ୍ତାପ ବୃଦ୍ଧି ପରିବେଶର ସୁରକ୍ଷା ପାଇଁ ଏହି ଯୁବଗୋଷ୍ଠୀ ଗୁରାଣ୍ଡି ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନର ଚାଷ ଜମି ହିଡ, ପୋଖରୀ ନିକଟ, ଖାଲି ପଡ଼ିଆରେ ଚାରାରୋପଣ କରିଥିଲେ ଓ ବୃକ୍ଷଲତା ହାନୀ ଯୋଗୁଁ ଦିନକୁ ଦିନ ବଢୁଥିବା ତାପମାତ୍ରା, ଜଳବାୟୁରେ ପରିବର୍ତ୍ତନ, ଅଭାବୀ ବର୍ଷା, ପରିବେଶ ପ୍ରଦୂଷଣ ଆଦି ବିଶେଷ ଭାବେ ବୃଦ୍ଧି ପାଉଛି । ଧରାପୃଷ୍ଠରକୁ ସୁରକ୍ଷା ଦେବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ ବୋଲି ହୃଦବୋଧ କରି ଏହି ଯୁବ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଗଛ ଲଗାଇବା ସହ ଗଛକୁ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଓ ଯେଉଁ ସ୍ଥାନରେ ଚାରାରୋପଣ କରିଛନ୍ତି ତାର ସୁରକ୍ଷା ଦାୟିତ୍ୱ ଠାରୁ ଆରମ୍ଭ କରି ଗଛ ବଡ ହେବା ପର୍ଯ୍ୟନ୍ତ କାମ କରିବୁ ବୋଲି ଯୁବଗୋଷ୍ଠୀ ସଦସ୍ୟ କେ. ସୁଶାନ୍ତ



ଆଦିନାରାୟଣା, ଏନ୍ ଭେଙ୍କଟରାଓ, ଲଳିତ କୁମାର ରାଉତ, ମହେନ୍ଦ୍ର ପାତ୍ର, ଏସ୍. ମୋହନ ରାଓ, ଜି. ରାଜେଶ, କୁମାର ସାମଲ, ରୋହିତ କୁମାର ନାୟକ, ଡି ହେମାଞ୍ଜଳମ୍, ସନ୍ତୋଷ କୁମାର ବେହେରା, ରାଜୁ ପଣ୍ଡା, ତୁଳସୀ କିଶୋର, ଡି. ପ୍ରଦୀପ, ଟି. ରମେଶ ଓ ଏନ୍. ଜଗଦୀଶ ପ୍ରମୁଖ କହିଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray